## ଅଲ୍ଲାଃ ତାଲାଙ୍କ ବାଣୀ

وَالَّذِيْنَ اٰمَنُوْا وَعَمِلُوا الصّٰلِحٰتِ
سَنُدْخِلُهُمْ جَنّٰتٍ تَجْرِيْ مِنْ تَحْتِهَا الْاَنْهٰرُ
خٰلِدِيْنَ فِيْهَآ اَبَدًا ۭ وَعْدَ اللّٰهِ حَقًّا ۭ

(النساء:123)

ଅନୁବାଦ- ଏବଂ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କାର୍ଯ୍ୟ କରିଛନ୍ତି, ଆମ୍ଭେ ସେମାନଙ୍କୁ ନିଶ୍ଚୟ ଏପରି ଉଦ୍ୟାନରେ ପ୍ରବେଶ କରାଇବୁ ଯାହାର ନିମ୍ନ ଦେଶରେ ଝରଣାମାନ ପ୍ରବାହିତ ହେଉଥିବ, ଓ ସେମାନେ ସେଠାରେ ସର୍ବଦା ବାସ କରିବେ; ଏହା ଅଲ୍ଲାଃଙ୍କର ସତ୍ୟ ପ୍ରତିଶୃତି ଅଟେ ।

*(ନିସା: ୧୨୩)*


بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 5

ସଂଖ୍ୟା 48

# ସାପ୍ତାହିକ ବଦର
Weekly BADAR Qadian
କାଦିଆନ
Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

26 ନଭେମ୍ବର 2020 | 26 ନବୁଓ୍ୱତ 1399 ହି.ଶ | 10 ରବିଉଲ୍ ସାନି 1442 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ:ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ:ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ:ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଆମ ଯମାତ୍‌ର ଲୋକମାନଙ୍କ ନିମନ୍ତେ ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ କଥା ହେଉଛି ଏହା କି ସେମାନେ ନିଜ ଭିତରେ ଏକ ଶୁଦ୍ଧ ପରିବର୍ତନ ଆଣନ୍ତୁ ।**

**ଈଶ୍ୱରଙ୍କ ହାତରେ ମଣିଷର ଭାଗ୍ୟଡ଼ୋରୀ ବନ୍ଧା ହୋଇଛି । ସେଥିରେ କଣ ଲେଖାହୋଇଛି ମଣିଷ କଣ ଜାଣେ ? ତେଣୁ ମଣିଷ ନିଜ ହୃଦୟକୁ ଜାଗ୍ରତ କରାଇ ଅନୁଧ୍ୟାନ କରିବା ଉଚିତ ।**

## ହଜରତ ମସିହ ମଉଦ ଆ:ସଙ୍କ ନୀତି ବାଣୀ

ଆମ ଯମାତ୍‌ର ଲୋକମାନଙ୍କ ନିମନ୍ତେ ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ କଥା ହେଉଛି ଏହା କି ସେମାନେ ନିଜ ଭିତରେ ଏକ ଶୁଦ୍ଧ ପରିବର୍ତନ ଆଣନ୍ତୁ । କାରଣ ସେମାନଙ୍କୁ ଈଶ୍ୱରଙ୍କର ତାଜା ଜ୍ଞାନ ପ୍ରାପ୍ତ ହେଉଅଛି । ଯଦି ଜଣେ ନିଜକୁ ଈଶ୍ୱରୀୟ ଜ୍ଞାନର ପ୍ରାପ୍ତକର୍ତା ବୋଲି ଦାବି କରେ କିନ୍ତୁ ତାହା ଅନୁରୁପ କାର୍ଯ୍ୟ କରେନାହିଁ ତେବେ ଏହି ଦାବି କରିବା ବୃଥା ଓ ଗର୍ବ ବ୍ୟତିତ ଆଉ କିଛି ନୁହେଁ । ତେଣୁ ଅନ୍ୟମାନଙ୍କର ଅବହେଳା ଆମ ଯମାତ୍‌ର ଲୋକମାନଙ୍କୁ ଅଜ୍ଞ ଓ ନିଷ୍କ୍ରିୟ ନ କରିଦେଉ । ଏମାନେ ତାଙ୍କ ଉଦାସୀନତାକୁ ଦେଖି ନିଜେ କଠୋର ହୃଦୟ ହୋଇନଯାଆନ୍ତୁ ।

ମଣିଷର ବହୁତ ଇଚ୍ଛା ଓ ଅଭିଳାଷା ରହିଛି କିନ୍ତୁ ବିଧିର ବିଧାନକୁ କିଏ ଜାଣିଛି । ଜୀବନ ତ ନିଜ ଇଚ୍ଛା ଅନୁସାରେ ଚାଲେନାହିଁ । ମଣିଷର ଇଚ୍ଛା ଓ ଅଭିଳାଷା ଗୋଟିଏ ପଟେ ତ ଆରପଟେ ବିଧିର ବିଧାନ । ବିଧିର ବିଧାନ ହେଉଛି ସଚ୍ଚା । ଈଶ୍ୱରଙ୍କ ହାତରେ ମଣିଷର ଭାଗ୍ୟଡ଼ୋରୀ ବନ୍ଧା ହୋଇଛି । ସେଥିରେ କଣ ଲେଖାହୋଇଛି ମଣିଷ କଣ ଜାଣେ ? ତେଣୁ ମଣିଷ ନିଜ ହୃଦୟକୁ ଜାଗ୍ରତ କରାଇ ଅନୁଧ୍ୟାନ କରିବା ଉଚିତ ।

ଏକେଶ୍ୱରବାଦର ଗୋଟିଏ କିସମ ହେଉ ଏହା କି ଈଶ୍ୱର ପ୍ରେମରେ ନିଜର ଇଚ୍ଛା ଓ ଉଦ୍ଦେଶ୍ୟକୁ ଲିଭାଇଦେବା ଓ ନିଜର ଅସ୍ତିତ୍ୱକୁ ଈଶ୍ୱରଙ୍କ ମହିମା ଭିତରେ ହଜାଇ ଦେବା ।

ଆପଣମାନେ ସମସ୍ତେ ଜାଣିଛନ୍ତି ଯେ ମହିୟାନ୍ ଅଲ୍ଲାଃ ପବିତ୍ର କୁର୍‌ଆନ୍‌ରେ ଏବଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ହଦିସ୍‌ରେ ମଧ୍ୟ ଏହା ବର୍ଣ୍ଣନା କରିଛନ୍ତି ଯେ ଏମିତି ଏକ ସମୟ ଥିଲା ଯେତେବେଳେ କିଛି ମଧ୍ୟ ନଥିଲା ଅର୍ଥାତ ମନୁଷ୍ୟ, ପଶୁ, ପକ୍ଷୀ, ଆକଶ ଓ ପୃଥିବୀ ଏବଂ ଯାହା କିଛି ଏ ଆକଶ ପୃଥିବୀରେ ଅଛନ୍ତି, ତାହା ସବୁର ଚିହ୍ନବର୍ଣ୍ଣ ହିଁ ନଥିଲା । କେବଳ ଈଶ୍ୱର ହିଁ ଥିଲେ । ଏହା ହେଉଛି ଇସ୍‌ଲାମୀୟ ବିଶ୍ୱାସ ।

ଓ୍ୱଲମ୍ ୟକୁନ୍ ମାଆହୁ ଶୈୟା:- ଅର୍ଥାତ ପରମେଶ୍ୱରଙ୍କ ସହିତ ଆଉ କିଛି ମଧ୍ୟ ନଥିଲା । ପରମେଶ୍ୱର ଆମକୁ ପବିତ୍ର କୁର୍‌ଆନ୍ ଓ ହଦିସ୍ ମାଧ୍ୟମରେ ଏ ଖବର ଦେଇଛନ୍ତି ଯେ ଏମିତି ଏକ ସମୟ ଆସିବାକୁ ଅଛି, ସେତେବେଳେ ମଧ୍ୟ ଈଶ୍ୱରଙ୍କ ସହିତ ଆଉ କେହି ନଥିବେ । ସେହି ଯୁଗ ଅତ୍ୟନ୍ତ ଭୟାନକ ଯୁଗ ହେବ । ଯେହେତୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ହେଉଛି ପ୍ରତ୍ୟେକ ମୋମିନ୍ ଓ ପ୍ରତ୍ୟେକ ମୁସଲମାନ ପାଇଁ ବାଧ୍ୟତାମୁଳକ । ତେଣୁ ଯିଏ ତାହାଙ୍କ ଉପରେ ବିଶ୍ୱାସ ଆଣୁନାହିଁ ସେ ମୁସଲମାନ ନୁହେଁ କାଫିର୍ (ଅର୍ଥାତ ଅବିଶ୍ୱାସକାରୀ) ଓ ବେଇମାନ । ଯେପରି ସ୍ୱର୍ଗ, ନର୍କ, ଅମ୍ବିୟା (ଅବତାରଗଣ) ଆ:ସ ଏବଂ ଐଶିପୁସ୍ତକଗୁଡିକ ଉପରେ ବିଶ୍ୱାସ ଆଣିବାକୁ ନିର୍ଦ୍ଦେଶ ରହିଛି ଠିକ୍ ସେହିପରି ସମାନ ଢ଼ଙ୍ଗରେ ସେହି ସମୟ ଉପରେ ବିଶ୍ୱାସ କରିବା ଜରୁରୀ ଯେତେବେଳେ ତୂରୀ ବଜାଯିବ ଓ ସବୁ କିଛି ଶେଷ ହୋଇଯିବ । ଏହା ହେଉଛି ଅଲ୍ଲାଃଙ୍କର ନିୟତି ଓ ପ୍ରଥା ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୨୨-୨୨୪ ପ୍ରକାଶନ୨୦୧୮ କାଦିୟାନ)***

**ରସୁଲେ୍ କରିମ୍ ସ:ଆ:ସଙ୍କ ସନ୍ତାନମାନଙ୍କ ପାଇଁ ସଦ୍‌କା ଉଚିତ ନୁହେଁ । ଏଥିରେ ଯେଉଁ ଭେଦ ରହିଛି ତାହା ହେଉଛି ଏହା କି ସେହି ମହାନ ଉପକାରୀ ବ୍ୟକ୍ତିଙ୍କ ସନ୍ତାନମାନଙ୍କ ସହିତ ଯେଉଁ ବ୍ୟବହାର ହେବ ତାହା ସଦ୍‌କା ହୋଇନପାରେ, ତାହା ସେହି ଉପକାରୀ ବ୍ୟକ୍ତିର ଉପକାରର ଋଣ ସୁଝିବା ପାଇଁ ଏକ ଛୋଟିଆ ଚେଷ୍ଟା ହେବ ।**

**କାଳେ ଏହି ରହସ୍ୟକୁ ମୁସଲମାନମାନେ ବୁଝିନିଅନ୍ତେ ଏବଂ ସାଦାତ୍‌ଙ୍କୁ ସଦ୍‌କା ଦେବା ବା ସେମାନଙ୍କ ଦୁଃଖ କଷ୍ଟକୁ ଅଣଦେଖା କରିବାର ଦୁଇଟି ନିକୃଷ୍ଟ ଅପରାଧରୁ ବର୍ତି ଯାଆନ୍ତେ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଆୟତ **ଓ୍ୱ ମିମ୍ମା ରଜକ୍‌ନାହୁମ୍ ୟୁନ୍‌ଫିକୁନ୍** ର ବ୍ୟାଖ୍ୟା କରି କହିଛନ୍ତି:-

"ପବିତ୍ର କୁର୍‌ଆନ୍‌ରୁ ନବମ ଖର୍ଚ୍ଚ ସମ୍ବନ୍ଧରେ ଉପକାରର ଋଣ ସୁଝିବା ପ୍ରମାଣିତ । ଉଦାହରଣ ସ୍ୱରୁପ ମାଆ ବାପାଙ୍କର ସେବା କରିବାକୁ ନିର୍ଦ୍ଦେଶ ରହିଛି । ଏହି ସେବା କାର୍ଯ୍ୟକୁ ବାସ୍ତବିକ ରୂପେ ସେବା କରିବାର ହକ୍ ପ୍ରଦାନ ହେଲା ବୋଲି କୁହାଯାଇ ନ ପାରେ । କାରଣ ମାଆବାପ ସନ୍ତାନମାନଙ୍କର ସେବା କରିନଥାନ୍ତି ବରଂ ଏକ ପ୍ରାକୃତିକ ଜୋସ୍ ଦ୍ୱାରା ଲାଳନପାଳନ କରିଥାନ୍ତି । ପିଲାଟି ତା ମାଆବାପାଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିନଥାଏ ନା ଅନ୍ୟ କେହି ତାଙ୍କୁ ଏହି କାର୍ଯ୍ୟରେ ମୁତୟନ କରିଥାଏ ଏବଂ ନା ସେମାନଙ୍କୁ ଏହାର ପ୍ରତିଫଳ ପାଇବାର ଅଭିଳାଷା ଥାଏ । ଅତଏବ ମାଆବାପାଙ୍କର ସନ୍ତାନମାନଙ୍କ ସହିତ ଏପରି ବ୍ୟବହାର କରିବା ସେବା ନୁହେଁ ବରଂ ଉପକାର/ଅନୁଗ୍ରହ ଅଟେ । ଯଦି ପିଲାଟି ବଡ଼ ହୋଇ ନିଜ ମାଆବାପାର ସେବା କରେ ତେବେ ସେ ସେମାନଙ୍କ ହକ୍‌କୁ ପ୍ରଦାନ କରିନଥାଏ ବରଂ ସେମାନଙ୍କର ଉପକାର/ଅନୁଗ୍ରହର ଋଣ ସୁଝିବାକୁ ଚେଷ୍ଟା କରିଥାଏ ।.....

ଏହି ଉପକାରର ଋଣ ସୁଝିବା ନିର୍ଦ୍ଦେଶ ଅନ୍ତର୍ଗତ ନିଜ ଶିକ୍ଷକ ବା ଅନ୍ୟାନ୍ୟ ଉପକାରୀ ଲୋକମାନଙ୍କର ବା ସେମାନଙ୍କ ସନ୍ତାନମାନଙ୍କ ସହିତ ସଦ୍ ବ୍ୟବହାର କରିବା ରହିଛି ଏବଂ ଏହି ନିର୍ଦ୍ଦେଶ ଅନ୍ତର୍ଗତ ମାନବ ସମାଜର ସବୁଠାରୁ ବଡ଼ ଉପକାରୀ ବ୍ୟକ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁଗ୍ରହର ପ୍ରତିବଦଳ ମଧ୍ୟ ଆସିଥାଏ ଯାହାକୁ ସାହାବାଗଣ ଦରୁଦ୍, ଦୁଆ ଏବଂ ଖିଦ୍‌ମତ୍ (ସେବା) ମାଧ୍ୟମରେ ପ୍ରଦାନ କରିବାକୁ ଚେଷ୍ଟା କରୁଥିଲେ । ମୋ ମତରେ ରସୁଲେ କରିମ୍ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଯେଉଁ ନିର୍ଦ୍ଦେଶ ଦେଇଛନ୍ତି କି ତାଙ୍କ ସନ୍ତାନମାନଙ୍କ ପାଇଁ ସଦ୍‌କା ଦେବା ବୈଧ ନୁହେଁ, ଏଥିରେ ଏ ଉଦ୍ଦେଶ୍ୟ ଥିଲା କି ଇସ୍‌ଲାମ୍‌ର ଅନୁଯାୟୀମାନଙ୍କୁ ଏହା ବତାଯାଉ କି ଏହି ମହାନ ଉପକାରୀ ବ୍ୟକ୍ତିଙ୍କ ସନ୍ତାନମାନଙ୍କ ସହିତ ଯେଉଁ ବ୍ୟବହାର କରାଯିବ ତାହା ସଦ୍‌କା ହୋଇନପାରେ । ତାହା ତ ସେହି ଉପକାରୀ ବ୍ୟକ୍ତିଙ୍କ ଉପକାରର ଋଣ ସୁଝିବାର ଏକ ଛୋଟିଆ ପ୍ରୟାସ ହେବ ।

ମତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ ମୁସଲମାନମାନେ ଏହି ବିଷୟକୁ ବିଶେଷ ଜୋର୍ ଦେଇ ବର୍ଣ୍ଣନା କରିଥାନ୍ତି ଯେ ରସୁଲେ୍ କରିମ୍

## ନବୀ ସ:ଆ:ସଙ୍କ ବାଣୀ

**ଯୁମା (ପବିତ୍ର ଶୁକ୍ରବାର) ଦିନ ସ୍ନାସ କରିବା, ତେଲ ଲଗାଇବା, ସୁଗନ୍ଧିତ ବସ୍ତୁ ଅର୍ଥାତ ଅତର ଇତ୍ୟାଦି ବାସ୍ନା ଲଗାଇବା ଏବଂ ନୀରବତା ଅବଲମ୍ବନ କରି ଧ୍ୟାନର ସହିତ ଖୁତ୍‌ବା ଶୁଣିବାର ଗୁରୁତ୍ୱ**

(୮୮୩) ହଜ୍‌ରତ୍ ସଲ୍‌ମାନ୍ ଫାର୍‌ସି ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଛନ୍ତି: ଯେଉଁ ବ୍ୟକ୍ତି ଯୁମା ଦିନ ସ୍ନାନ କରିଥାଏ ତଥା ଯଥାସମ୍ଭବ ସ୍ୱଚ୍ଛତା ଅବଲମ୍ବନ କରିଥାଏ, ନିଜ ଘରେ ଉପଲବ୍ଧ ଥିବା ତେଲ ଓ ଅତର ଲଗାଇଥାଏ, ପୁଣି ସେ ଜୁମା ନମାଜ ପାଠ କରିବାପାଇଁ ଘରୁ ବାହାରିଥାଏ । ପୁଣି ସେ ଦୁଇଜଣଙ୍କ ମଧ୍ୟରେ ପଶି ସେମାନଙ୍କୁ ଅଲଗା କରିନଥାଏ । ତା'ପରେ ସେ ତା ସାମର୍ଥ୍ୟ ମୁତାବକ ନମାଜ ପାଠ କରିଥାଏ, ଯେତେବେଳେ ଇମାମ୍ ଲୋକମାନଙ୍କୁ ସମ୍ବୋଧନ କରି ଖୁତ୍‌ବା ପ୍ରଦାନ କରନ୍ତି ସେ ନୀରବତା ଅବଲମ୍ବନ କରି ତାହାକୁ ଶୁଣିଥାଏ, ଏତଦ୍‌ଦ୍ୱାରା ଏହି ଯୁମାଠାରୁ ଆସନ୍ତା ଯୁମା ପର୍ଯ୍ୟନ୍ତ ତା ଦ୍ୱାରା ଯେଉଁ ପାପ ହୋଇଥିବ ତାହା ସବୁକୁ କ୍ଷମା କରିଦିଆଯିବ ।

(୮୮୭) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲେ କରିମ୍ ସ:ଆ:ସ କହିଛନ୍ତି: ଯଦି ମତେ ଏ ଚିନ୍ତା ନଥାନ୍ତା କି ମୁଁ ନିଜ ଉମ୍ମତକୁ କଷ୍ଟରେ ପକାଇବି ବା ଏପରି କହିଛନ୍ତି କି ଯଦି ଲୋକମାନଙ୍କର କଷ୍ଟ ସମ୍ବନ୍ଧରେ ମତେ ଧ୍ୟାନ ନଥାନ୍ତା ତେବେ ମୁଁ ସେମାନଙ୍କୁ ଜରୁର୍ ପ୍ରତି ନମାଜରେ ମିସ୍‌ଓ୍ୱାକ୍ ଅର୍ଥାତ ଦାନ୍ତ ଘଷିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି ।

(୮୮୮) ହଜ୍‌ରତ୍ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ୍ କରିମ୍ ସ:ଆ:ସ କହିଛନ୍ତି: ମୁଁ ମିସ୍‌ଓ୍ୱାକ୍ କରିବାପାଇଁ ତୁମକୁ ବାରମ୍ବାର ତାଗିଦ୍ କରିଛି ।

**(ସହୀ ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜୁମା, ମୁଦ୍ରଣ କାଦିଆନ୍ ୨୦୦୬)**

ସ:ଆ:ସ ଏଡ଼େ ନିସ୍ୱାର୍ଥପର ଥିଲେ ଯେ ନିଜ ସନ୍ତାନମାନଙ୍କ ନିମନ୍ତେ ସଦ୍‌କାକୁ ହରାମ୍ ଅର୍ଥାତ ଅବୈଧ କରିଦେଲେ । ଯେବେ କି ସେମାନେ ଏ କଥା ଚିନ୍ତା କରୁନାହାନ୍ତି ଯେ ଆପଣ ସ:ଆ:ସ ଏପରି ନିସ୍ୱାର୍ଥପର ତ ଥିଲେ କିନ୍ତୁ ମୁସଲମାନମାନେ ଏମିତି ସ୍ୱାର୍ଥପର କାହିଁକି ହୋଇଗଲେ ଯେ ଆପଣ ସ:ଆ:ସଙ୍କ ଉପକାରର ଋଣ ସୁଝିବାପାଇଁ କାଣିଚାଂଏ ମଧ୍ୟ ଚେଷ୍ଟା କରୁନାହାନ୍ତି । ଉପକାରୀ ବ୍ୟକ୍ତି ପ୍ରତିବଦଳରେ କିଛି ଚାହିଁନଥାଏ । କିନ୍ତୁ ଯାହା ଉପରେ ଉପକାର କରାଯାଇଛି ତା'ର କଣ ଏ କର୍ତବ୍ୟ ନାହିଁ ଯେ ସେ ଉପକାରୀ ବ୍ୟକ୍ତିର ଉପକାରକୁ ନିଜ କର୍ମ ଦ୍ୱାରା କୃତଜ୍ଞତା ଜ୍ଞାପନ କରୁ । ମୋ ମତରେ ଏହି ନିର୍ଦ୍ଦେଶ ଦେଇ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ଏ ଶିଷ୍ଟାଚାର ଶିଖାଇଛନ୍ତି ଯେ ଯଦି ହଜ୍‌ରତ୍ ନବୀ ଶିରୋମଣୀଙ୍କ ସନ୍ତାନମାନଙ୍କ ମଧ୍ୟରେ କେହି ଗରୀବ ଥିବେ, ତାଙ୍କ ସହିତ ହଜୁରଙ୍କ ଉପକାରକୁ ମନେପକାଇ ବ୍ୟବହାର କରନ୍ତୁ । କାରଣ ଆପଣ ସ:ଆ:ସଙ୍କ ସନ୍ତାନମାନଙ୍କ ସହିତ ସଦ୍‌କାର ମାମଲା କରାଯାଇନପାରେ । କଣ ଲୋକମାନେ ନିଜ ଭାଇମାନଙ୍କୁ ସଦ୍‌କା ଦେଇଥାନ୍ତି ? ତେବେ କଣ ଏହି ଆଧ୍ୟାତ୍ମିକ ବାପାଙ୍କ ସହିତ ଭାଇମାନଙ୍କ ସଦୃଶ ବ୍ୟବହାର କରିଯିବା ଉଚିତ ନୁହେଁ ? ବିଡ଼ମ୍ବନା ଯେ ଏହି କାରଣକୁ ନ ବୁଝିବା ଯୋଗୁଁ ମୁସଲମାନମାନେ ଦୁଇଟି ନିର୍ଦ୍ଦେଶାବଳୀ ମଧ୍ୟରୁ ଗୋଟିଏକୁ ଅବମାନନା କରିବାକୁ ଲାଗିଗଲେଣି । ସେମାନେ ସାଦାତ୍ (ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କ ସନ୍ତାନମାନଙ୍କ) ନିମନ୍ତେ ସଦ୍‌କା ଓ ଜକାତକୁ ଖର୍ଚ୍ଚ କରିବାକୁ ଲାଗିଗଲେଣି ବା ସେମାନଙ୍କ ସେବାକାର୍ଯ୍ୟରୁ ସମ୍ପୂର୍ଣ୍ଣରୂପେ ରହିତ ହୋଇଗଲେଣି ।

ମୋ ଉପରେ ଅଲ୍ଲାଃଙ୍କର ଏ ଦୟା ଯେ ମୁଁ ବହୁ ପୂର୍ବରୁ ଏହି ମର୍ମକୁ ବୁଝିଛି ଏବଂ ମତେ ବହୁବାର ଏହାର ସୌଭାଗ୍ୟ ମିଳିଛି ଯେ ମୁଁ ଗରୀବ ଓ ସାଦାତ୍‌ମାନଙ୍କର ସେବା କରେ । ମୁଁ ଏ ଭାବନା ରଖି ଏ ସେବାକାର୍ଯ୍ୟ କରିନଥାଏ ଯେ ମୁଁ ସେମାନଙ୍କ ଉପରେ ସଦ୍‌କା କରୁଛି ବରଂ ଏ ଭାବନା ରଖି କରିଥାଏ ଯେ ଯେଉଁ ମହାନ୍ ଉପକାର ରସୁଲେ୍ କରିମ୍ ସ:ଆ:ସ ଆମ ଉପରେ କରିଛନ୍ତି ତାହାର ଅଭିବ୍ୟକ୍ତି ପାଇଁ ସେମାନଙ୍କ ସହିତ ସଦ୍‌ବ୍ୟବହାର ନିମନ୍ତେ ଏହା ଏକ ଛୋଟ ପ୍ରୟାସ ହେବ । ଫଅଲ୍‌ହମ୍‌ଦୁ ଲିଲ୍ଲାହି ଅଲା ଜାଲିକ୍ । କାଳେ ଏହି ରହସ୍ୟ/ମର୍ମକୁ ମୁସଲମାନ ବୁଝି ନିଅନ୍ତେ ଏବଂ ସାଦାତ୍‌ଙ୍କୁ ସଦ୍‌କା ଦେବା ତଥା ସେମାନଙ୍କ ଅସୁବିଧାକୁ ସମ୍ପୂର୍ଣ୍ଣରୂପେ ଅଣଦେଖା କରିବାର ଦୁଇଟି ସଙ୍ଗିନ୍ ଅପରାଧରୁ ସୁରକ୍ଷିତ ହୋଇଯାଆନ୍ତେ । ଯଦି ସେମାନେ ଏପରି କରିବେ ତେବେ କାଳେ ଅଲ୍ଲାଃ ତାଲା ମଧ୍ୟ ସେମାନଙ୍କ ସନ୍ତାନମାନଙ୍କ ଉପରେ ଦୟା କରନ୍ତେ ।

**(ତଫ୍‌ସୀର୍ କବୀର, ଖଣ୍ଡ-୧, ପୃ-୧୩୧-୧୩୨ ମୁଦ୍ରଣ କାଦିଆନ୍ ୨୦୧୦)**

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ନାରାଜ ହୋଇଗଲେ ଓ କହିଲେ ଯେ ଆପଣଙ୍କୁ ଏହି ୟହୁଦୀଙ୍କ ସହିତ ତର୍କ କରିବା ଠିକ୍ ନଥିଲା ବରଂ ତାଙ୍କ ଧର୍ମୀୟ ଭାବନାକୁ ସମ୍ମାନ କରିବାର ଥିଲା । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଦେଖନ୍ତୁ ଏହା ଥିଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁପମ ଶିକ୍ଷା । ମୋ ମତରେ ଏହା ଅତ୍ୟନ୍ତ ଦୁଃଖର କଥା ଯେ, ଆପୋଷରେ ସମ୍ମାନ ଦେବାର ମୂଳଶିଦ୍ଧାନ୍ତ ଯାହା ପ୍ରେମ ଏବଂ ଏକତାର ପ୍ରତିକ ଅଟେ, ତାକୁ ବର୍ତମାନ ଯୁଗରେ କଥାକଥିତ ସ୍ୱାଧିନତା ନାମରେ ଜଳାଞ୍ଜଳି ଦିଆଯାଇଛି । ଏପରି କି ଧର୍ମପ୍ରତିଷ୍ଠାତାମାନଙ୍କୁ ମଧ୍ୟ ଥଟ୍ଟା ପରିହାସ କରାଯାଉଅଛି ଏହାଦ୍ୱାରା ସେମାନଙ୍କର କୋଟି କୋଟି ଅନୁଗାମୀମାନଙ୍କୁ ଦୁଃଖ ପହଂଚୁଛି । ଅନ୍ୟପଟେ ପବିତ୍ର କୋରାନ୍ ତ ଏ ଶିକ୍ଷା ଦେଇଛି ଯେ, ଅନ୍ୟ ଧର୍ମର ପିତୁଳାକୁ ମଧ୍ୟ ଖରାପ କୁହନାହିଁ । କାରଣ ଏହା ଦ୍ୱାରା ସେମାନଙ୍କୁ କଷ୍ଟ ହେବ ଫଳତଃ ସେମାନେ ଈଶ୍ୱରଙ୍କୁ ଏଣୁତେଣୁ କହିବେ ଯଦ୍ୱାରା ସମାଜରେ ଶାନ୍ତି ଓ ଏକତା ପ୍ରଭାବିତ ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଗରିବ ଏବଂ ଅସହାୟ ଲୋକମାନଙ୍କର ଅଧିକାରକୁ ପୁରଣ କରିବା ପ୍ରସଙ୍ଗରେ ରସୁଲେ୍ କରିମ୍ ସ:ଆ:ସ ବିଭିନ୍ନ ପ୍ରକାରର ଯୋଜନା ଆରମ୍ଭ କରିଥିଲେ । ଫଳତଃ ସେହି ଗରିବ ଶ୍ରେଣୀର ଲୋକମାନଙ୍କର ଆର୍ଥିକ ବ୍ୟବସ୍ଥାରେ ଉନ୍ନତି ଘଟିବ । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ, ଅଧିକାଂଶ ସମୟ ଲୋକମାନେ ଏମିତି ଲୋକଙ୍କୁ ସମ୍ମାନ ଦେଇଥାନ୍ତି ଯେଉଁମାନେ ଧନୀ ଓ ଶକ୍ତିଶାଳୀକିନ୍ତୁ ଜଣେ ଗରୀବ ବ୍ୟକ୍ତି ଯିଏ ହେଉଛି ଚରିତ୍ରବାନ, ସେ ସେହି ଧନୀ ବ୍ୟକ୍ତିଙ୍କଠାରୁ ବହୁତ ଭଲ କାରଣ ଧନୀ ବ୍ୟକ୍ତି ଅନ୍ୟମାନଙ୍କର ଭାବନା ପ୍ରତି ଧ୍ୟାନ ଦିଏନାହିଁ କେବଳ ନିଜର ହିଁ ଧ୍ୟାନ ରଖିଥାଏ ।

ଛୋଟ ଛୋଟ ମାମଲାଗୁଡ଼ିକରେ ମଧ୍ୟ ରସୁଲେ୍ କରିମ୍ ସ:ଆ:ସ ଏକଥା ପ୍ରତି ବିଶେଷ ଧ୍ୟାନ ରଖୁଥିଲେ ଯେ, ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଭାବନାକୁ ଧକ୍କା ନଲାଗୁ । ଉଦାହରଣ ସ୍ୱରୁପ ଆଁ ହଜ୍‌ରତ୍ ସ:ଆ:ସ ମୁସଲମାନମାନଙ୍କୁ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ନିଜର ଇଜ୍‌ତିମା ଏବଂ ଭୋଜି ନିମନ୍ତ୍ରଣରେ ସର୍ବଦା ଗରିବ ଓ ଅସହାୟ ଲୋକମାନଙ୍କୁ ନିମନ୍ତ୍ରଣ ଦିଅନ୍ତୁ । ଯଦି ଧନୀ ଓ ଶକ୍ତିଶାଳୀ ଲୋକମାନେ ଗରିବ ଲୋକମାନଙ୍କୁ ହଇରାଣ ହର୍‌କତ୍ କରନ୍ତି ସେତେବେଳେ ଆପଣ ସ:ଆ:ସ ସାହାବାମାନଙ୍କୁ ଏକଥା କହୁଥିଲେ ଯେ, ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ନ୍ୟାୟ ଦେବାପାଇଁ ତାଙ୍କୁ ସାହାଯ୍ୟ କର ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ରସୁଲେ୍ କରିମ୍ ସ:ଆ:ସ ସର୍ବଦା ଗୁଲାମି (ଦାସପ୍ରଥା)କୁ ଶେଷ କରିବାପାଇଁ ଚେଷ୍ଟା କରିଛନ୍ତି । ଆପଣ ସ:ଆ:ସ ନିଜ ଅନୁଗାମୀମାନଙ୍କୁ ବାରମ୍ବାର ଏ ଉପଦେଶ ଦେଇଛନ୍ତି ଯେ, ସେମାନେ ନିଜ କ୍ରୀତଦାସମାନଙ୍କୁ ସ୍ୱାଧିନ କରିଦିଅନ୍ତୁ । ଆପଣ ସ:ଆ:ସ କହିଛନ୍ତି ଯେ, ଯଦି ତତ୍‌କ୍ଷଣାତ୍ ନିଜ ଗୁଲାମମାନଙ୍କୁ ସ୍ୱାଧିନ ନ କରିପାରୁଛ ତେବେ ଅତିକମ୍‌ରେ ସେମାନଙ୍କ ଘୋଡିବା ଓ ଖାଇବା ପିଇବାର ସେହିଭଳି ଧ୍ୟାନ ରଖ ଯେମିତି ତୁମେ ନିଜର ଧ୍ୟାନ ରଖୁଅଛ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଉ ଗୋଟିଏ କଥା ଯାହାକୁ ଅଧିକାଂଶ ସମୟ ଉଠାଯାଉଅଛି ତା ହେଉଛି ମହିଳାମାନଙ୍କର ଅଧିକାର ବିଷୟରେ ଅର୍ଥାତ ଇସ୍‌ଲାମ୍ ମହିଳାମାନଙ୍କ ଅଧିକାରକୁ ପ୍ରଦାନ କରୁନାହିଁ । ଏହା ବାସ୍ତବିକ ଘଟଣାଠାରୁ ବହୁତ ଦୁରରେ ବରଂ ଇସ୍‌ଲାମ୍ ତ ସର୍ବପ୍ରଥମେ ମହିଳା ଓ ଝିଅ ପିଲାମାନଙ୍କର ଅଧିକାରକୁ ପ୍ରତିଷ୍ଠା କରିଛି ଏବଂ ସେ ଯୁଗରେ ଏ ଅଧିକାର କାଏମ୍ କରିଛି ଯେତେବେଳେ ମହିଳା ଓ ଝିଅପିଲାମାନଙ୍କ ସହିତ ସ୍ୱତନ୍ତ୍ର ବ୍ୟବହାର କରାଯାଉଥିଲା ଓ ସେମାନଙ୍କୁ ନ୍ୟୁନଦୃଷ୍ଟିରେ ଦେଖାଯାଉଥିଲା । ଇସ୍‌ଲାମ୍‌ର ପ୍ରତିଷ୍ଠାତା ନବୀ କରିମ୍ ସ:ଆ:ସ ନିଜ ଅନୁଗାମୀ ମାନଙ୍କୁ ଏ ନିର୍ଦ୍ଦେଶ ଦେଇଛି ଯେ ସେମାନେ ଏକଥାକୁ ନିଶ୍ଚିତ ବନାନ୍ତୁ ଯେ, ମହିଳାମାନଙ୍କୁ ତାଲିମ୍ ଦିଆଯାଉ ଓ ସେମାନଙ୍କର ଇଜ୍ଜତ ଓ ସମ୍ମାନ କରାଯାଉ । ଏକଥା ମଧ୍ୟ କହିଛନ୍ତି ଯେ, ଯଦି କୌଣସି ବ୍ୟକ୍ତିର ତିନୋଟି ଝିଅ ଅଛନ୍ତି ଓ ସେ ବ୍ୟକ୍ତିଜଣକ ସେହି ଝିଅମାନଙ୍କର ଶିଧା ବ୍ୟବସ୍ଥା କରେ ଓ ସେମାନଙ୍କୁ ସିଧା ରାସ୍ତାରେ ପରିଚାଳିତ କରେ ତେବେ ସେହି ଲୋକପାଇଁ ବୈକୁଣ୍ଠର ସୁସମାଚାର ରହିଛି । ଏକଥା ତ ସେହି ଚରମପନ୍ଥୀ ଲୋକମାନଙ୍କର ଦାବିର ଓଲଟା ଯେଉଁମାନେ ଏକଥା କହୁଛନ୍ତି ଯେ, ଜେହାଦ୍ କରିବା ଦ୍ୱାରା ଅର୍ଥାତ ଅଣମୁସଲମାନମାନଙ୍କୁ ହତ୍ୟା କରିବା ଦ୍ୱାରା ମଣିଷ ବୈକୁଣ୍ଠକୁ ଚାଲିଯିବ । ଯେବେକି ରସୁଲେ କରିମ୍ ସ:ଆ:ସ ଏକଥା ଶିଖାଇଛନ୍ତି ଯେ ବୈକୁଣ୍ଠକୁ ଯିବାର ରାସ୍ତା ହେଉଛି ଝିଅପିଲାମାନଙ୍କୁ ଶିକ୍ଷା ଦେବାରେ ଓ ସେମାନଙ୍କୁ ସୁଶୀଳ ଓ ଚରିତ୍ରବାନ କରିବାରେ ରହିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏହି ଶିକ୍ଷାର ଆଧାରରେ ସାରା ଦୁନିଆରେ ଅହେମଦୀ ମୁସଲମାନ ଝିଅମାନଙ୍କୁ ଶିକ୍ଷାଦାନ କରାଯାଉଅଛି ଏବଂ ସେମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରୁଛନ୍ତି । ଆମ ଝିଅମାନେ ଡ଼ାକ୍ତର ହେଉଛନ୍ତି, ଶିକ୍ଷୟତ୍ରୀ ହେଉଛନ୍ତି, ଆର୍କିଟେକ୍ଟ ହେଉଛନ୍ତି ଏବଂ ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟ କରୁଛନ୍ତି । ଏହିଭଳି ସେମାନେ ମାନବଜାତିର ସେବା କରୁଛନ୍ତି । ଆମେ ଏହା ନିଶ୍ଚିତ କରାଉଛୁ ଯେ ପୁଅ ଓ ଝିଅ ଦୁଇଜଣଙ୍କୁ ଶିକ୍ଷା ଆହାରଣ କରିବାର ସମାନ ଅବସର ମିଳୁ । ଅତଏବ ଦୁନିଅର ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଅହେମଦୀ ମୁସଲମାନ ଝିଅ ପିଲାମାନଙ୍କର ଶିକ୍ଷାର ହାର ହେଉଛି ଅନେଶତ ୯୯% ପ୍ରତିଶତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପୁଣି ରସୁଲେ୍ କରିମ୍ ସ:ଆ:ସ ପଡ଼ୋଶୀମାନଙ୍କ ଅଧିକାର ପ୍ରତି ବହୁତ ଜୋର୍ ଦେଇଛନ୍ତି । ଆପଣ ସ:ଆ:ସ କହିଛନ୍ତି ଯେ ଅଲ୍ଲାଃ ତାଲା ପଡ଼ୋଶୀମାନଙ୍କୁ ଧ୍ୟାନ ରଖିବା ପ୍ରତି ଏତେମାତ୍ରାରେ ତାଗିଦ୍ କରିଛନ୍ତି ଯେ ମତେ ଏମିତି ଲାଗିଲା ବୋଧହୁଏ ପଡ଼ୋଶୀମାନଙ୍କୁ ଓ୍ୱରାସତ୍‌ରୁ (ଅର୍ଥାତ ଆମ ଧନସମ୍ପତିରୁ) ଭାଗ ମିଳିଯିବ । ଅତଏବ ରସୁଲେ୍ କରିମ୍ ସ:ଆ:ସ ଜାତି, ଧର୍ମ ଏବଂ ବର୍ଣ୍ଣର ଉର୍ଦ୍ଧରେ ରହି ଆର୍ନ୍ତଜାତିକ ମାନବିକ ଅଧିକାର ପ୍ରତିଷ୍ଠା କଲେ । ମୁଁ ଏବେ ଚର୍ଚ୍ଚା କରିସାରିଛି ଯେ କିଭଳି ରସୁଲେ୍ କରିମ୍ ସ:ଆ:ସ ଶିକ୍ଷାର ଗୁରୁତ୍ୱ ଉପରେ ଜୋର୍ ଦେଇଛନ୍ତି । ଏହାର ଏକ ଉଦାହରଣ ଇସ୍‌ଲାମୀୟ ଇତିହାସର ପ୍ରଥମ ଯୁଦ୍ଧ ପରେ ମିଳୁଅଛି । ମୁସଲମାନମାନେ ନିରସ୍ତ୍ର ହେବା ସତ୍ୱେ ମଧ୍ୟ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗରେ ନିଜଠାରୁ କାହିଁ କେତେ ଅଧିକା ଶକ୍ତିଶାଳୀ ମକ୍କାବାସୀଙ୍କୁ ହରାଇ ଦେଲେ । ତା'ପରେ ରସୁଲେ୍ କରିମ୍ ସ:ଆ:ସ ଶିକ୍ଷିତ କଏଦିମାନଙ୍କୁ ଏ ସର୍ତରେ ମୁକ୍ତ କରିବାପାଇଁ ପ୍ରସ୍ତାବ ଦେଲେ ଯେ ସେମାନେ ସମାଜର ଅଶିକ୍ଷିତ ଲୋକମାନଙ୍କୁ ପଢ଼ିବା ଲେଖିବା ଶିଖାଇବେ । ସୁତରାଂ ଏହିଭଳି ଅନେକ ଶତାବ୍ଦି ପୂର୍ବରୁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ କଏଦିମାନଙ୍କର ସୁଧାର ନିମନ୍ତେ ଏବଂ ସେମାନଙ୍କୁ ସମାଜର ହିତକାର ଅସ୍ତିତ୍ୱ ରୂପେ ଗଢ଼ି ତୋଳିବାର ସଫଳ ଆଦର୍ଶ ସ୍ଥାପନ କରିଛନ୍ତି ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହେ ମାଆଜ୍! ମୁଁ ତୁମକୁ ପ୍ରତି ନମାଜ ପରେ ଏହାକୁ ପଢ଼ିବା ପାଇଁ ତାଗିଦ୍ କରୁଛି । ଏହାକୁ କଦାପି ଛାଡ଼ିବ ନାହିଁ । **ଅଲ୍ଲାହୁମ୍ମା ଅଇନ୍ନି ଅଲା ଜିକ୍‌ରିକା ୱ ଶୁକ୍‌ରିକା ୱ ହୁସ୍‌ନି ଇବାଦତିକା (ହଦିସ୍)**

---

ସର୍ବଶ୍ରେଷ୍ଠ ଇମାନ୍ ହେଉଛି ଏହା କି ତୁମେ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପ୍ରେମ କର ଏବଂ ଅଲ୍ଲାଃଙ୍କ ପାଇଁ ହିଁ ଘୃଣଶ କର । ତୁମେ ନିଜ ଜିହ୍ୱାକୁ ଅଲ୍ଲାଃଙ୍କ ସ୍ତୁତିଗାନ କରିବାରେ ନିୟୋଜିତ ରଖ । ତୁମେ ଲୋକମାନଙ୍କ ନିମନ୍ତେ ତାହା ପସନ୍ଦସ କର ଯାହା ତୁମେ ନିଜ ପାଇଁ ପସନ୍ଦ କରୁଅଛ ଏବଂ ସେମାନଙ୍କ ପାଇଁ ତାହା ଅପସନ୍ଦ କର ଯାହା ତୁମେ ନିଜ ପାଇଁ ପସନ୍ଦ କରୁନାହିଁ ।

କୁର୍‌ଆନ୍‌ର କାରି (ଉତମ ପଠନକାରୀ), ରସୁଲ୍ ସ:ଆ:ସଙ୍କ ପ୍ରୀୟ, ଫିକି ମାମଲାରେ ଉତମ ରାଏ ପ୍ରଦାନକାରୀ ଏବଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ବଦ୍‌ରି ସାହାବି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ।

ତିନିଜଣ ମର୍‌ହୁମୀନ୍ (ମୃତକ) ମୋକରମ୍ ମୌଲବୀ ଫର୍‌ଜାନ୍ ଖାନ୍ ସାହେବ୍ ମୁବଲ୍ଲିଗ୍ ଇନ୍‌ଚାର୍ଜ ଜିଲ୍ଲା ଖୋର୍ଦ୍ଧା ଏବଂ ନୟାଗଡ଼, ଓଡ଼ିଶା, ଇଣ୍ଡିଆ, ମୋକରମ୍ ଅବ୍‌ଦୁଲ୍ଲାଃ ମୁଲ୍‌ସିକୁ ସାହେବ ଲୋକାଲ୍ ମିଶ୍‌ନାରୀ ମାଲେଶିୟା ଏବଂ ମୋକରମ୍ ଅବ୍‌ଦୁଲ୍ ୱାହିଦ୍ ସାହେବ୍ ମୁଅଲ୍ଲିମ୍ ସିଲ୍‌ସିଲା କାଦିଆନ୍‌ଙ୍କ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍** ଅ.ବ
**(ପ୍ରଦତ୍ତ: ୨୩ ଅକ୍ଟୋବର ୨୦୨୦ ଅନୁଯାୟୀ ୨୩ ଇଖା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشۡهَدُ اَنۡ لَّاۤ اِلٰهَ اِلَّا اللّٰهُ وَحۡدَهٗ لَا شَرِيۡكَ لَهٗ وَاَشۡهَدُ اَنَّ مُحَمَّدًا عَبۡدُهٗ وَرَسُوۡلُهٗ
اَمَّا بَعۡدُ فَاَعُوۡذُ بِاللّٰهِ مِنَ الشَّيۡطٰنِ الرَّجِيۡمِ - بِسۡمِ اللّٰهِ الرَّحۡمٰنِ الرَّحِيۡمِ -
اَلۡحَمۡدُ لِلّٰهِ رَبِّ الۡعٰلَمِيۡنَ - الرَّحۡمٰنِ الرَّحِيۡمِ - مٰلِكِ يَوۡمِ الدِّيۡنِ - اِيَّاكَ نَعۡبُدُ وَاِيَّاكَ نَسۡتَعِيۡنُ -
اِهۡدِنَا الصِّرَاطَ الۡمُسۡتَقِيۡمَ - صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ ۙ غَيۡرِ الۡمَغۡضُوۡبِ عَلَيۡهِمۡ وَلَا الضَّآلِّيۡنَ -

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତି ଅନ୍ତେ ହୁଜୁର ଅନଓ୍ୱର ଅ:ବ:ଅ କହିଲେ ଆଜି ଯେଉଁ ସାହାବୀଙ୍କ ଚର୍ଚ୍ଚା କରିବି ତାଙ୍କ ନାମ ହେଲା ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କ ପିତାଙ୍କ ନାମ ଜବଲ୍ ବିନ୍ ଅମ୍‌ରୋ ଓ ମାତାଙ୍କ ନାମ ହିନ୍ଦ୍ ବିନ୍‌ତେ ସହଲ୍ ଥିଲା, ଯେ ଜୋହେନା କବିଲାର ଶାଖା ବନୁ ରବ୍‌ଆର ଥିଲେ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କ ଉପନାମ (କୁନିୟତ) ଅବ୍‌ଦୁର୍ ରହ୍‌ମାନ ଥିଲା । ତାଙ୍କ ସମ୍ପର୍କ ଖଜ୍‌ରଜ୍ କବିଲାର ଶାଖା ଉବୈ ବିନ୍ ସାଆଦ୍ ବିନ୍ ଅଲି ସହିତ ଥିଲା । ସେରେ ସାହାବାର ରଚୟିତା ଲେଖିଛନ୍ତି ସାଆଦ୍ ବିନ୍ ଅଲୀଙ୍କର ଦୁଇ ପୁତ୍ର ଥିଲେ, ସଲ୍‌ମା ଏବଂ ଉବୈ । ସଲ୍‌ମାଙ୍କ ବଂଶରୁ ବନୁ ସଲ୍‌ମା ଗୋଷ୍ଠୀ ଆଗକୁ ବଢ଼ିଥିଲା କିନ୍ତୁ ଉବୈ ବିନ୍ ସାଆଦ୍‌ଙ୍କ ବଂଶଧରେ ଇସ୍‌ଲାମ୍ ଆଗମନ ବେଳକୁ ମାତ୍ର ଦୁଇଜଣ ବ୍ୟକ୍ତି ମଧ୍ୟରେ ସୀମିତ ରହିଯାଇଥିଲେ । ସେଥିମଧ୍ୟରୁ ଜଣେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଓ ଦ୍ୱିତୀୟ ତାଙ୍କ କୁଳନନ୍ଦନ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ ଥିଲେ । ତାଙ୍କ ଘରବାଡ଼ି ବନୁ ସଲ୍‌ମା ସହିତ ସଲଗ୍ନ ଥିଲା । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କର ବର୍ଣ୍ଣ ଅତ୍ୟନ୍ତ ଧବଳ ଓ ସେ ବେଶ୍ ରୂପବାନ ବ୍ୟକ୍ତି ଥିଲେ । ତାଙ୍କ ଦାନ୍ତ ଚମକ୍‌ଦାର ତଥା ଆଖିରେ ଲାଜ ଭରି ରହିଥିଲା । ସେ ନିଜ ଗୋଷ୍ଠୀର ଯୁବକମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସୁନ୍ଦର ଓ ଦାନି ବ୍ୟକ୍ତି ଥିଲେ । ଅବୁ ନଇମ୍ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଯୁବ ଅନ୍‌ସାରମାନଙ୍କ ମଧ୍ୟରୁ ଲଜ୍ଜାଶୀଳ, ଦାନଧର୍ମ ଓ ଧୈର୍ଯ୍ୟ ସହନଶୀଳତାରେ ସବୁଠାରୁ ଉତମବ୍ୟକ୍ତି ଥିଲେ । ସେ ବୈଅତେ ଅକ୍‌ବା ସାନିୟାରେ ୭୦ ଜଣ ଅନ୍‌ସାରଙ୍କ ସହିତ ସାମିଲ ହୋଇଥିଲେ ଏବଂ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ସମୟରେ ତାଙ୍କୁ ମାତ୍ର ୧୮ ବର୍ଷ ହୋଇଥିଲା । ସେ ବଦର୍, ଓ୍ୱହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ସାମିଲ ଥିଲେ । ବଦର୍ ଯୁଦ୍ଧ ସମୟରେ ତାଙ୍କୁ ୨୦ କିମ୍ବା ୨୧ ବର୍ଷ ବୟସ ହୋଇଥିଲା । ତାଙ୍କ ସାବତ ଭାଇ ଅର୍ଥାତ ଯାହାଙ୍କ ମାତା ଏକ କିନ୍ତୁ ପିତା ଭିନ୍ନ ହୋଇଥାନ୍ତି, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜଦ୍ ମଧ୍ୟ ବଦର୍ ଯୁଦ୍ଧରେ ସାମିଲ ଥିଲେ । ଉସ୍‌ଦୁଲ୍ ଗାବାଃ ଅନୁଯାୟୀ ତାଙ୍କ ସାବତ ଭାଇଙ୍କ ନାମ ସହଲ୍ ବିନ୍ ମୁହମ୍ମଦ ବିନ୍ ଜଦ୍ ଥିଲା ଏବଂ ସହଲ୍ ବନୁ ସଲ୍‌ମା ବଂଶ ଧରର ଥିଲେ । ଏଥିଯୋଗୁଁ ବନୁ ସଲ୍‌ମା ତାଙ୍କୁ ନିଜ ଗୋଷ୍ଠୀର ପରିଗଣିତ କରୁଥିଲେ । ଯେତେବେଳେ ହିଜ୍‌ରତ୍‌କାରୀ ମକ୍କାରୁ ମଦିନା ଆସିଲେ ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କ ସହିତ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କର ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ।

ବିଭିନ୍ନ ଇତିହାସ ପୁସ୍ତକରେ ଏହା ହିଁ ଦରଜ ରହିଛି । ଇସ୍‌ଲାମ୍ ସ୍ୱୀକାର କରିବା ଅନ୍ତେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ବନୁ ସଲ୍‌ମାର ଯୁବକମାନଙ୍କ ସହିତ ମିଶି ବନୁ ସଲ୍‌ମାର ମୁର୍ତୀଗୁଡ଼ିକୁ ଭାଙ୍ଗି ଦେଇଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୧୮୭.......... ଲେବ୍‌ନାନ୍ ୨୦୦୩)*
*(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୪୩୭-୪୩୮....... ବେରୁତ ୧୯୯୦)*
*(ଅଲ୍‌ଅସାବାଃ....... ଖଣ୍ଡ-୬, ପୃ-୧୦୭-୧୦୮...... ବେରୁତ ୧୯୯୫)*
*(ସିରସ୍ ସାହାବା...... ଖଣ୍ଡ-୩, ପୃ-୪୯୭...... କରାଚି ୨୦୦୪)*

ପୂର୍ବେ ଜଣେ ସାହାବିଙ୍କ ଜୀବନୀ ଚର୍ଚ୍ଚାରେ ଏକଥା ଆଲୋଚନା ହୋଇସାରିଛି କି ସେ କିଭଳି ନିଜ ପରିବାର ବର୍ଗଙ୍କ ଉପାସ୍ୟ ଓ ଆରାଧ ଦେବତାଙ୍କ ପ୍ରତିମୂର୍ତୀ ଭାଙ୍ଗିଥିଲେ । ଏଠାରେ ମଧ୍ୟ ବର୍ଣ୍ଣନା କରିଦେଉଛି । ହଜ୍‌ରତ୍ ଅମ୍‌ରୋ ବିନ୍ ଜମୁହ ନିଜର ଘରେ କାଠର ଗୋଟିଏ ମୂର୍ତୀ ପ୍ରସ୍ତୁତ କରି ତାହାର ନାମ ମନାତ୍ ରଖିଥିଲେ ଏବଂ ତାହାର ବହୁତ ସମ୍ମାନ କରୁଥିଲେ । ବୈଅତେ ଅକ୍‌ବା ସାନିୟାରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ବୟତ କରିବାପରେ ନିଜ ପିତା ଅମ୍‌ରୋଙ୍କୁ ମଧ୍ୟ ଇସ୍‌ଲାମ୍ ଆଡ଼କୁ ଡ଼ାକରା ଦେଇ ଏହି ଉପାୟ ପାଂଚି ଥିଲେ ଅର୍ଥାତ ଇସ୍‌ଲାମ୍ ପ୍ରତି ତାଙ୍କୁ ଆହ୍ୱାନ ଦେବାପାଇଁ ଏହି ଉପାୟ ପାଂଚିଥିଲେ କି ପିତାଙ୍କ ପ୍ରତିମୂର୍ତୀ ଯାହା ସେ ନିଜ ଘରେ ବେଶ୍ ସୁନ୍ଦର ଓ ଯତ୍ନର ସହିତ ସ୍ଥାପିତ କରିଥିଲେ । ରାତିରେ ନେଇ ତାହାକୁ ଅଳିଆଗଦାରେ ଫିଙ୍ଗି ଦେଇଥିଲେ ଏବଂ ଏହି କାର୍ଯ୍ୟରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଅନ୍ୟକିଛି ଯୁବ ସାଥିମାନଙ୍କର ସାହାଯ୍ୟ ନେଇଥିଲେ । ଅମ୍‌ରୋସେହି ପ୍ରତିମୂର୍ତୀଗୁଡ଼ିକୁ ଖୋଜି ଖୋଜି ତାହାକୁ ପୂନରାୟ ଆଣି ସ୍ଥାପିତ କରିଥିଲେ ଏବଂ କହୁଥିଲେ ଯଦି ମତେ ଜଣାପଡ଼େ କି କିଏ ମୋ ପ୍ରତିମୂର୍ତୀ ଆରାଧ ଦେବତା ସହିତ ଏଭଳି କାଣ୍ଡ କରିଛି ତେବେ ମୁଁ ତାହାକୁ ଉଚିତ ଶାସ୍ତି ଦେବି । ପରବର୍ତୀ ଦିନ ସମ୍ପୃକ୍ତ ଯୁବକମାନେ ପୂନରାୟ ସେହି ପ୍ରତିମୂର୍ତୀକୁ ଅଳିଆଗଦାରେ ନେଇ ଫିଙ୍ଗି ଦେଲେ ଅମ୍‌ରୋ ପୁଣି ସେଠାକୁ ଯାଇ ନିଜ ଆରାଧ ଦେବତାକୁ ଉଠାଇଆଣି ସଫାସୁତୁରା କରି ସଜାଇ ସାଇତି ରଖିଥିଲେ ଏବଂ ତାହା ନିକଟରେ ନିଜର ଖଡ୍ଗ ଲଟକାଇ ଦେଇଥିଲେ । ତା'ପରେ ତାହାକୁ ଚାହିଁ କହିଥିଲେ କି ମତେ ଜଣାନାହିଁ ଯେ ମୋ ଉପାସ୍ୟ ଦେବତା ସହିତ ଏଭଳି ବ୍ୟବହାର କିଏ କରୁଛି ? କିନ୍ତୁ ବର୍ତମାନ ମୁଁ ନିଜ ଖଡ୍ଗ ତୁମ ନିକଟରେ ଛାଡ଼ି ଯାଉଛି ବର୍ତମାନ ତୁମେ ନିଜର ସୁରକ୍ଷା ଖୁଦ୍ ନିଜେ କରିନେବ । ପରନ୍ତୁ ପରଦିନ ପୂନରାୟ ସମାନ୍ ଘଟଣା ଘଟିଲା । ଅମ୍‌ରୋଙ୍କ ଉପାସ୍ୟ ନିଜ ସ୍ଥାନରେ ନଥିଲା ଏବଂ ସାହିର ଅଳିଆଗଦାର ଏକ ମୃତ କୁକୁର ସହିତ ବନ୍ଧା ପଡ଼ିଥିଲା । ଏହା ଦେଖି ଉମ୍ରୋ ଅତ୍ୟନ୍ତ ଦୁଃଖିତ ଓ ବ୍ୟଥିତ ହୋଇ ଚିନ୍ତା କଲେ କି ସେହି ମୂର୍ତୀ ଯାହାକୁ ମୁଁ ନିଜର ପ୍ରଭୁ ମଣିନେଇଛି ତାହାର ଏତିକି ମଧ୍ୟ ସାମର୍ଥ୍ୟ ନାହିଁ ଯେ ନିଜ ନିକଟରେ ଥିବା ଖଡ୍ଗ ସାହାଯ୍ୟରେ ନିଜର ରକ୍ଷା କରିପାରିବ ତେବେ ସେ ମୋର କଣ ରକ୍ଷା କରିବ ? ମତେ କଣ ସୁରକ୍ଷା ପ୍ରଦାନ କରିବ ? ସେ ପରମେଶ୍ୱର କିଭଳି ହୋଇପାରିବ ? ଏହା ତାଙ୍କ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର କାରଣ ସାବ୍ୟସ୍ତ ହେଲା ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୧୯୫.......... ବେରୁତ ୨୦୦୩)*

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ହଜୁର ସ:ଆ:ସଙ୍କ ସହ ଯେଉଁ ପ୍ରଗାଢ଼ ପ୍ରେମ ଓ ନିଷ୍ଠାଭାବ ଭରିରହିଥିଲା ତାହା ଏଥିରୁ ଅନୁମାନ କରାଯାଇପାରିବ କି ଓ୍ୱହଦ୍ ଯୁଦ୍ଧ ପରେ ହଜୁର ସ:ଆ:ସ ଯେତେବେଳେ ମଦିନା ପ୍ରତ୍ୟାବର୍ତନ କଲେ ସେତେବେଳେ ମଦିନାର ଗଳିକନ୍ଦିରୁ ରୋଦନ ସ୍ୱର ଗୁଞ୍ଜରିତ ହେଉଥିଲା । ତାହା ଶୁଣି ହଜୁର ସ:ଆ:ସ ପଚାରିଲେ, ଏହା କଣ ? ଲୋକେ କହିଲେ ଅନ୍‌ସାରଙ୍କ ମହିଳାମାନେ ନିଜ ପରିଜନଙ୍କ ବିୟୋଗରେ ବିଳାପ କରୁଛନ୍ତି ଆପଣ କହିଲେ, ହମ୍‌ଜାଙ୍କ ପାଇଁ କେହି ରୋଦନକାରୀ ନାହାନ୍ତି । ହଜୁର ସ:ଆ:ସ ହଜ୍‌ରତ୍ ହମ୍‌ଜାଙ୍କ କ୍ଷମା ପ୍ରାର୍ଥନା ନିମନ୍ତେ ଦୁଆ କଲେ । ଯେତେବେଳେ ହଜୁର ସ:ଆ:ସଙ୍କ ଏହି ଉକ୍ତି ହଜରତ ସାଆଦ୍ ବିନ୍ ମାଆଜ୍, ହଜ୍‌ରତ୍ ସାଆଦ୍ ବିନ୍ ଅବାଦା, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଓ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହାଙ୍କ ନିକଟରେ ପହଂଚିଲା ସେମାନେ ଶୁଣିଲେ, ସେତେବେଳେ ସେମାନେ ନିଜ ସାହିକୁ ଗଲେ ଏବଂ ମଦିନାର ବିଳାପକାରୀ ମହିଳାମାନଙ୍କୁ ଏକତ୍ରିତ କରିଆଣିଲେ ଏବଂ କହିଲେ, ବର୍ତମାନ ତୁମେ ଅନ୍‌ସାରଙ୍କ ପାଇଁ ରୋଦନ କରିବନାହିଁ ଯେପର୍ଯ୍ୟନ୍ତ ହଜ୍‌ରତ୍ ହମ୍‌ଜାଙ୍କ ପାଇଁ ବିଳାପ କରିନାହଁ । ***(ସିରତୁନ୍ ନବୱିୟା ଲେ ଇବ୍‌ନେ କସିର୍ ଖଣ୍ଡ-୩, ପୃ-୯୫-୯୬...... ବେରୁତ ୧୯୮୬)***

ଏହା ସେହି ଭଲପାଇବା ଥିଲା ନିଜ ପ୍ରୀୟ ନବିଶ୍ରେଷ୍ଠଙ୍କ ପ୍ରତି ସେହି ସାହାବାଙ୍କର । ଯଦିଚ ଇସ୍‌ଲାମ୍‌ରେ ବିଳାପ କରିବା ମନା କିନ୍ତୁ ଏଠାରେ ହଜୁର ସ:ଆ:ସ କିଛି ସମୟ ପାଇଁ ଲୋକମାନଙ୍କ ଭାବନାକୁ ଆଖିଆଗରେ ରଖି ଏଭଳି କରିବାକୁ ଅନୁମତି ପ୍ରଦାନ କରିଥିଲେ । ସେ ଯାହା ହେଉ ଇସ୍‌ଲାମ୍‌ରେ ବିଳାପ କରିବା ସମ୍ପୁର୍ଣ୍ଣରୂପେ ମନା ଏବଂ ହଜୁର ସ:ଆ:ସ ସ୍ୱୟମ ଏପରି କରିବାକୁ ବାରଣ କରିଛନ୍ତି ।

ମକ୍କା ବିଜୟ ପରେ ରସୁଲୁଲ୍ଲାଃ ସ:ଆ:ସ ହୁନୈନ୍ ଅଭିମୁଖେ ବାହାରିପଡ଼ିଲେ ହୁନୈନ୍ ହେଉଛି ମକ୍କାଠାରୁ ଉତରପୂର୍ବ ଦିଗରେ ଥିବା ତାଇଫ୍ ନିକଟର୍ବତୀ ଏକ ଉପତ୍ୟାକାର ନାମ । ତେବେ ସେ ପ୍ରରିପ୍ରେକ୍ଷୀରେ ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ମକ୍କାରେ ପଛରେ ଛାଡ଼ି ଯାଇଥିଲେ କାରଣ ସେ ଯେପରି ମକ୍କାବାସୀଙ୍କୁ ଧର୍ମ ସମ୍ପର୍କରେ ଶିକ୍ଷା ଦେଇପାରିବେ କୋରାନ୍ ପାଢ଼େଇପାରିବେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୨୬୫............ ବେରୁତ ୧୯୯୦)***

***(ଫରହଙ୍ଗ ସିରତ୍, ପୃ-୧୦୯, ଜଓ୍ୱାର ଏକାଡ଼େମି ପବ୍ଲିକେଶନ୍‌ସ)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ତବୁକ୍ ଯୁଦ୍ଧରେ ଭରପୂର ରୂପେ ଅଂଶ ଗ୍ରହଣ କରିଥିଲେ । କତାଦା ବର୍ଣ୍ଣନା କରନ୍ତି ଯେ, ମୁଁ ହଜ୍‌ରତ୍ ଅନସ୍ ର:ଅଙ୍କୁ ଏହା କହୁଥିବାର ଶୁଣିଥିଲି ଯେ ହଜୁର ସ:ଆ:ସଙ୍କ ସମୟରେ ଚାରିଜଣ ବ୍ୟକ୍ତି କୋରାନ୍ ଏକତ୍ରିତ କରିଥିଲେ । ସେମାନେ ସମସ୍ତେ ଅନ୍‌ସାର ଥିଲେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ, ହଜ୍‌ରତ୍ ଉବୈ ବିନ୍ କାଆବ୍, ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ଏବଂ ହଜ୍‌ରତ୍ ଅବୁ ଜୈଦ୍ ର:ଅ । ହଜ୍‌ରତ୍ ଅବୁ ଜୈଦ୍ ର:ଅ ହଜ୍‌ରତ୍ ଅନସ୍ ର:ଅଙ୍କ ଚାଚା ଥିଲେ । ***(ସହି ମୁସ୍‌ଲିମ୍........ ହଦିସ୍-୨୪୬୫)*** ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ବର୍ଣ୍ଣନା କରନ୍ତି କି ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଲି ଯେ ତୁମେମାନେ ଚାରିଜଣ ବ୍ୟକ୍ତିଙ୍କଠାରୁ କୁର୍‌ଆନ୍ କରିମ୍ ଶିକ୍ଷା ହାସଲ କର । ସେମାନେ ଯଥାକ୍ରମେ ଇବ୍‌ନେ ମସ୍‌ଉଦ୍ ର:ଅ, ଅବୁ ହୁଜୈଫାଙ୍କର ଦାସ ସାଲିମ୍ ର:ଅ, ଉବୈ ବିନ୍ କାଆବ୍ ର:ଅ ଏବଂ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ।

***(ସହି ମୁସ୍‌ଲିମ୍........ ହଦିସ୍-୩୮୦୬)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ବର୍ଣ୍ଣନା କରନ୍ତି କି ମୁଁ ହଜୁର ସ:ଆ:ସଙ୍କୁ କହୁଥିବାର ଶୁଣିଲି ଯେ, ଚାରିଜଣ ବ୍ୟକ୍ତିଙ୍କଠାରୁ କୋରାନ୍ ପଢ଼ିବା ଶିଖ । ଯେପିରି କି ମୁଁ ବର୍ଣ୍ଣନା କରିଆସିଲି ଏହି ସଂପୃକ୍ତ ସାହାବମାନେ । ***(ସହି ମୁସ୍‌ଲିମ୍........ ହଦିସ୍-୨୪୬୫)***

ହଜୁର ଅନଓ୍ୱର ଅ:ବ:ଅ କହିଲେ, ହଜ୍‌ରତ୍ କାଆବ୍‌ଙ୍କ ଜୀବନି ଚର୍ଚ୍ଚାରେ ଏହି ପ୍ରସଙ୍ଗରେ କିଛି ସ୍ପଷ୍ଟିକରଣ ହୋଇସାରିଛି ଯେ ହଜୁର ସ:ଆ:ସ ଲୋକମାନଙ୍କୁ କୋରାନ୍ ଶିକ୍ଷା ଦେବାରେ ଏକ ଦଳ ଗଠନ କରିଥିଲେ । ଯିଏ ଲୋକମାନଙ୍କୁ ଅବା ମୁସଲମାନମାନଙ୍କୁ କୋରାନ୍‌ର ଶିକ୍ଷା ଦେଉଥିଲେ କୋରାନ୍ ପଢ଼ାଉଥିଲେ । ସେ ସେମାନେ ସମ୍ପୁର୍ଣ୍ଣରୂପେ ମୁଖସ୍ତ କରିନେଇଥିଲେ ଏବଂ ଲୋକମାନଙ୍କୁ କୋରାନ୍ ଶିଖାଉଥିଲେ । ସେମାନଙ୍କ ମଧ୍ୟରୁ ୪ଜଣ ଉଚ୍ଚପାହ୍ୟାର ଶିକ୍ଷକ ଥିଲେ ଯିଏ ନିଜେ ହଜୁର ସ:ଆ:ସଙ୍କଠାରୁ କୋରାନ୍ ଶୁଣି ମୁଖସ୍ତ କରିନେଇଥିଲେ । ସମ୍ପୁର୍ଣ୍ଣ କୋରାନ୍ ସେମାନଙ୍କ କଣ୍ଠସ୍ଥ ଥିଲା, ସେମାନେ ହେଲେ ଯେପରିକି ମୁଁ ବର୍ଣ୍ଣନା କଲି ଯେ ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ ର:ଅ, ଅବୁ ହୁଜୈଫାଙ୍କର ଦାସ ସାଲିମ୍ ର:ଅ, ଉବୈ ବିନ୍ କାଆବ୍ ର:ଅ ଏବଂ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଏମାନଙ୍କ ମଧ୍ୟରୁ ଦୁଇଜଣ ଅନ୍‌ସାର ଓ ଦୁଇଜଣ ମୁହାଜିର୍ ଥିଲେ । ଜୀବିକା ଦୃଷ୍ଟିକୋଣରୁ ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ଜଣେ ଶ୍ରମିକ ଥିଲେ, ସାଲିମ୍ ଜଣେ ସ୍ୱାଧିନ ପ୍ରାପ୍ତ କ୍ରିତଦାସ, ଏବଂ ମୁଆଜ୍ ବିନ ଜବଲ୍ ଓ ଉବୈ ବିନ୍ କାଆବ୍ ଉଭୟେ ମଦିନାର ଧର୍ନାଢ଼୍ୟ ବ୍ୟକ୍ତି ଥିଲେ । ଏପରି ହଜୁର ସ:ଆ:ସ ସମସ୍ତ ଦଳକୁ ଦୃଷ୍ଟିରେ ରଖି କାରି ଚୟନ କରିଥିଲେ । ହଦିସ୍‌ରେ ଉଲ୍ଲେଖ ରହିଛି ହଜୁର ସ:ଆ:ସ କହିଲେ ଖୁଜୁଲ୍ କୁର୍‌ଆନା ମିନ୍ ଅର୍‌ବଅତିନ୍ (ମିନ୍) ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍, ସାଲିମ୍, ମୁଆଜ୍ ବିନ୍ ଜବଲ୍ ଓ ଉବୈ ବିନ୍ କାଆବ୍ ଅର୍ଥାତ ଯିଏ କୁର୍‌ଆନ୍ ପଢ଼ିବାକୁ ଚାହୁଁଛନ୍ତି ସେମାନେ ଏହି ଚାରିଜଣ ବ୍ୟକ୍ତିଙ୍କଠାରୁ କୁର୍‌ଆନ୍ ପଢ଼ିନିଅନ୍ତୁ ।

ଏହି ଚାରିଜଣ ଏପରି ବ୍ୟକ୍ତି ଯାହାଙ୍କୁ ସମ୍ପୁର୍ଣ୍ଣ କୁର୍‌ଆନ୍ ହଜୁର ସ:ଆ:ସଙ୍କ ମୁଖରୁ ନିସୃତ କୁର୍‌ଆନ୍ ଶୁଣି ମୁଖସ୍ତ ହେବାର ସୌଭାଗ୍ୟ ପ୍ରାପ୍ତି ହୋଇଥିଲା । ହଜୁର ସ:ଆ:ସ ସେମାନଙ୍କର ଶଂସୋଧନ ସ୍ୱୟମ କରିଥିଲେ ଏବଂ ଏମାନଙ୍କ ବ୍ୟକ୍ତିତ୍ୱ ମଧ୍ୟ ଆହୁରି ଅନେକ ସାହାବାଙ୍କୁ ହଜୁର ସ:ଆ:ସଙ୍କ ସିଧାସଳଖ ଭାବରେ କିଛି ନା କିଛି କୁର୍‌ଆନ୍‌ର ଅଂଶ ଶିଖାଇଥିଲେ ଅର୍ଥାତ ଏମାନଙ୍କ ବ୍ୟତିତ ହଜୁର ସ:ଆ:ସ ଅନ୍ୟ ସାହାବାମାନଙ୍କୁ ମଧ୍ୟ କୋରାନ୍‌ର ଶିକ୍ଷା ଦେଉଥିଲେ ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ ଏକଦା ଗୋଟିଏ ଶବ୍ଦକୁ ଭିନ୍ନ ଶୈଳୀରେ ପାଠ କଲେ ତାହା ଦେଖି ହଜ୍‌ରତ୍ ଉମର୍ ତାଙ୍କୁ ରୋକିଲେ ଏବଂ କହିଲେ ଏଭଳି ନୁହେଁ ଏହି ପଂକ୍ତିକୁ ଏମିତି ପଢ଼ିବା ଉଚିତ ପ୍ରତିଉତରରେ ସେ କହିଲେ ନାଁ ମତେ ହଜୁର ସ:ଆ:ସ ଏଭଳି ପଢ଼ିବା ଶିଖାଇଛନ୍ତି । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ନେଇ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ତାଙ୍କର ଅଭିଯୋଗ କଲେ କି, ସେ ଏମିତି କୁର୍‌ଆନ୍ ପାଠ କରୁଛନ୍ତି । ହଜୁର ସ:ଆ:ସ କହିଲେ, ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ତୁମେ କୋରାନ୍ ପାଠ କର ଅତଏବ ସେ ପାଠ କଲେ ତାହା ଶୁଣିବାପରେ ହଜୁର ସ:ଆ:ସ କହିଲେ, ସେ ଠିକ୍ ପାଠ କରିଛନ୍ତି । ହଜ୍‌ରତ୍ ଉମର୍ ର:ଅ ଏଥିରେ କହିଲେ ହଜୁର ମତେ ଏଭଳି ଶୈଳୀରେ ପାଠ କରାଇବା ଶିଖାଇଛନ୍ତି । ଏଥିରେ ହଜୁର ସ:ଆ:ସ କହିଲେ, ତାହା ମଧ୍ୟ ଠିକ୍ ଅଟେ । ଏଥିରୁ ଜଣାଯାଉଛି ଯେ ହଜୁର ସ:ଆ:ସଙ୍କ ନିକଟରେ ମାତ୍ର ଚାରିଜଣ ସାହାବି କୁର୍‌ଆନ୍ ପଢୁନଥିଲେ ବରଂ ଅନ୍ୟ ସାହାବିମାନେ ମଧ୍ୟ କୁର୍‌ଆନ୍ ପଢୁଥିଲେ । ଏପରିକି ହଜ୍‌ରତ୍ ଉମର୍ ର:ଅ ମଧ୍ୟ ହଜୁର ସ:ଆ:ସଙ୍କ ନିକଟରେ କୁର୍‌ଆନ୍ ପଢୁଥିଲେ ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୪୨୭-୪୨୮)***

ହଜୁର ସ:ଆ:ସ କହିଲେ, ମୋ ସମ୍ପ୍ରଦାୟର ସବୁଠାରୁ ଅଧିକ ଦୟାଳୁ ବ୍ୟକ୍ତି ହଜ୍‌ରତ୍ ଅବୁବକର ର:ଅ ଅଟନ୍ତି ଏବଂ ପ୍ରଭୁଙ୍କ ଧର୍ମପ୍ରସଙ୍ଗରେ ସବୁଠାରୁ ଅଧିକ କଠୋର ହଜ୍‌ରତ୍ ଉମର ର:ଅ ଅଟନ୍ତି । ଅର୍ଥାତ ନିୟମ ପାଳନ କରିବାରେ ସେ ବେଶ୍ ଶକ୍ତ ଓ ଲାଜସରମ ପ୍ରସଙ୍ଗରେ ସବୁଠାରୁ ଅଧିକ ପୂର୍ଣ୍ଣାଙ୍ଗ ବ୍ୟକ୍ତି ହଜ୍‌ରତ୍ ଉସ୍‌ମାନ ର:ଅ ଏବଂ ବୈଧ ଓ ଅବୈଧର ସବୁଠାରୁ ଅଧିକ ଜ୍ଞାତ ରଖିଥିବା ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଏବଂ ସବୁଠାରୁ ଉତମ ନିଷ୍ପତିକାରୀ ଅଲୀ ବିନ୍ ଅବୁ ତାଲିବ୍ ର:ଅ ଅଟନ୍ତି ଏବଂ କର୍ତବ୍ୟର ସବୁଠାରୁ ଅଧିକ ଧାରଣା ରଖୁଥିବା ବ୍ୟକ୍ତି ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ ଅଟନ୍ତି । କୁର୍‌ଆନ୍ ପାଠ କରିବାର ଉତମ ଶୈଳୀ ସମ୍ବନ୍ଧରେ ଅବଗତ ଥିବା ବ୍ୟକ୍ତି ହଜ୍‌ରତ୍ ଉବୈ ବିନ୍ କାଆବ୍ ପ୍ରତ୍ୟେକ ସମ୍ପ୍ରଦାୟର ଜଣେ ଅମୀନ୍ ହୋଇଥାଏ । ହଜୁର ସ:ଆ:ସ କହିଲେ ଏଥିଅନ୍ତେ ମନେରଖ ପ୍ରତ୍ୟେକ ସମ୍ପ୍ରଦାୟର ଜଣେ ଅମୀନ୍ ହୋଇଥାଏ ମୋ ସମ୍ପ୍ରଦାୟର ଅମୀନ୍ ହଜ୍‌ରତ୍ ଅବି ଉବୈଦା ବିନ୍ ଜର୍‌ରାହ ଅଟନ୍ତି ।

***(ସୁନନେ ଇବ୍‌ନେ ମାଜାଃ.....ହଦିସ୍ ନଂ-୧୫୪)***

ଏ ସମସ୍ତେ କିଭଳି ଉତମ ଗୁଣବାନ ବ୍ୟକ୍ତି ସମୁହ ଥିଲେ ଏହା ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍‌ର ବର୍ଣ୍ଣନା ଅଟେ । ହଜ୍‌ରତ୍ ଅନସ୍ ବିନ୍ ମାଲିକ ର:ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଲେ ମୋ ସମ୍ପ୍ରାଦୟରେ ସମସ୍ତଙ୍କଠାରୁ ବୈଧ ଓ ଅବୈଧ ସମ୍ବନ୍ଧରେ ବିଜ୍ଞ ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୩, ପୃ-୫୦୨, ହଦିସ୍-୯୪୨୧.....)***

ଦିନେ ନବୀ କରିମ୍ ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କ ହାତ ଧରି କହିଲେ ହେ ମୁଆଜ୍ ମୁଁ ନିଃସନ୍ଦେହ ତୁମକୁ ଭଲପାଏ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋର ପିତାମାତା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ ମୁଁ ମଧ୍ୟ ଆପଣଙ୍କୁ ଭଲପାଏ । ହଜୁର ସ:ଆ:ସ କହିଲେ, ହେ ମୁଆଜ୍ ! ମୁଁ ତୁମକୁ ତାଗିଦ୍ କରୁଛି ଯେ ପ୍ରତ୍ୟେକ ନମାଜ ପରେ ଏହି ଦୁଆ ପାଠ କରିବ **ଅଲ୍ଲାହୁମ୍ମା ଅଇନ୍ନି ଆଲା ଜିକ୍‌ରିକା ଓ୍ୱ ଶୁକ୍‌ରିକା ଓ୍ୱ ହୁସ୍‌ନି ଇବାଦତିକା** ଅର୍ଥାତ ହେ ମୋର ପ୍ରଭୁ ନିଜ ଚର୍ଚ୍ଚା ପାଇଁ ମତେ ସାହାଯ୍ୟ କର ଏବଂ ନିଜର କୃତଜ୍ଞତା ପାଇଁ ଓ ନିଜର ସୁନ୍ଦର ଉପାସନା ପାଇଁ ମଧ୍ୟ ସାମର୍ଥ୍ୟ ପ୍ରଦାନ କର । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃ-୩୮୦, ହଦିସ୍-୨୨୪୭୦..... ଲେବ୍‌ନାନ୍ ୧୯୯୮)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ କୁହନ୍ତି, ଯେ ନବୀ କରିମ୍ ସ:ଆ:ସ କହିଲେ, କଣ ମୁଁ ତୁମକୁ ବୈକୁଣ୍ଠର ଦ୍ୱାର ମଧ୍ୟରେ ଏକ ଦ୍ୱାର ସମ୍ପର୍କରେ କହିବିନାହିଁ । ପ୍ରତିଉତରରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ କହିଲେ, ଅବଶ୍ୟ କୁହନ୍ତୁ । ରସୁଲୁଲ୍ଲାଃ ସ:ଆ:ସ କହିଲେ, **ଲା ହଓଲା ଓ୍ୱଲା କୁଓ୍ୱତା ଇଲ୍ଲା ବିଲ୍ଲାହ** ପାଠ କରନ୍ତୁ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃ-୩୭୪, ହଦିସ୍-୨୨୪୫୦..... ଲେବ୍‌ନାନ୍ ୧୯୯୮)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ବର୍ଣ୍ଣନା କରନ୍ତି ଯେ ନବୀ କରିମ୍ ସ:ଆ:ସଙ୍କୁ ସର୍ବୋତ୍କୃଷ୍ଟ ବିଶ୍ୱାସ ସମ୍ପର୍କରେ ପ୍ରଶ୍ନ କରିବାରୁ ନବୀ କରିମ୍ ସ:ଆ:ସ କହିଲେ, ସବୁଠାରୁ ଉତମ ବିଶ୍ୱାସ ହେଉଛି ତୁମେ ଅଲ୍ଲାଃ ତାଲାଙ୍କ ପାଇଁ ହିଁ ପ୍ରେମ କର ଏବଂ ଅଲ୍ଲାଃଙ୍କ ପାଇଁ ହିଁ ଅନ୍ୟକୁ ଘୃଣା କରିପାର ତୁମେ ନିଜର ତୁଣ୍ଡକୁ ଅଲ୍ଲାଃ ତାଲାଙ୍କ ସ୍ତୁତିଗାନରେ ଲଗାଇ ରଖ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆଉ କିଛି କହିବାକୁ ଅଛି କି ? ହଜୁର ସ:ଆ:ସ କହିଲେ, ତୁମେ ନିଜ ପାଇଁ ଯାହା ପସନ୍ଦ କର ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ପସନ୍ଦ କରିବ । ଯାହା ତୁମେ ନିଜପାଇଁ ନାପସନ୍ଦ କର ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ

ନାପସନ୍ଦ କର । *(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃ-୩୮୫, ହଦିସ୍-୨୨୪୮୧..... ଲେବ୍‌ନାନ୍ ୧୯୯୮)*

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ନବୀ କରିମ୍ ସ:ଆ:ସଙ୍କ ସହତ ନମାଜ ପଢୁଥିଲେ, ପୁନଶ୍ଚ ସେ ଆସି ନିଜ ସାହିର ଲୋକମାନଙ୍କର ଇମାମତ୍ ମଧ୍ୟ କରୁଥିଲେ । ହଜୁର ସ:ଆ:ଙ୍କ ସହିତ ସେ ଗୋଟିଏ ରାତିରେ ନମାଜ ଇଶା ପଢ଼ିଲେ ଏବଂ ନିଜ ଲୋକମାନଙ୍କ ନିକଟକୁ ଫେରିଯାଇ ସେମାନଙ୍କୁ ନମାଜ ପଢ଼ାଇଲେ ଅର୍ଥାତ ସେହି ଇଶା ନମାଜ ପଢ଼ାଇଲେ । ତହିଁରେ ସୁରାଃ ବକ୍‌ରା ଆବୃତି କରିବା ଆରମ୍ଭ କରିଦେଲେ । ଏହା ଦେଖି ଜଣେ ଲୋକ ଅଲଗା ହୋଇଗଲା ଅଥବା ସାମୁହିକ ନମାଜରୁ ନିଜକୁ ଓହୋରାଇ ନେଇ ଏକାକି ନମାଜ ପାଠ କରିନେଇ ଘରକୁ ପ୍ରତ୍ୟାବର୍ତନ କରିଗଲା । ଏହା ଦେଖି ଲୋକମାନେ ତାକୁ କହିଲେ, ହେ ବ୍ୟକ୍ତି ତୁମେ ମୁନାଫିକ୍ ଅର୍ଥାତ ବହୁମୁଖୀ ହୋଇଯାଇଛ ପ୍ରତିଉତରରେ ସେହି ବ୍ୟକ୍ତିଜଣକ ହଜୁର ସ:ଆ:ସଙ୍କ ନିକଟରେ ଫେରାଦ କଲେ ଏବଂ ସମସ୍ତ ଘଟଣାଚକ୍ର ସମ୍ବନ୍ଧରେ ହଜୁର ସ:ଆ:ସଙ୍କୁ ଅବଗତ କଲେ । ହଜୁର ସ:ଆ:ସ ମୁଆଜ୍ ଆଡ଼ଙ୍କୁ ମୁହାଁଇ କହିଲେ, ହେ ମୁଆଜ୍ ! ତୁମେ କଣ ଲୋକମାନଙ୍କୁ ପରୀକ୍ଷାରେ ପକାଇବାକୁ ଚାହୁଁଛ ? ତୁମେ କାହିଁକି ଲୋକମାନଙ୍କୁ କଷ୍ଟ ଦେଉଛ । ନମାଜରେ ତୁମେ ଏହି ସୁରଃ ପଢ଼-କହିଲେ-ୱଶ୍‌ଶମ୍‌ସି ୱ ଜୁହାହା, ୱଜ୍‌ଜୁହା, ୱଲ୍‌ଲଇଲି ଇଜା ୟଗ୍‌ଶା ଏବଂ ସବ୍‌ବିହ୍ ଇସ୍‌ମା ରବ୍‌ବିକଲ୍ ଆଲା ପଢ଼ । *(ସହି ମୁସ୍‌ଲିମ୍....... ହଦିସ୍ ନଂ-୪୬୫)* ଏହା ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ ।

ଏହି ପ୍ରସଙ୍ଗଟି ବୁଖାରୀରେ ଏଭଳି ଦରଜ ରହିଛି ଯେ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ଅନ୍‌ସାରୀ କୁହନ୍ତି, ମୋ ସମ୍ମୁଖରୁ ଜଣେ ବ୍ୟକ୍ତି ଯିଏ ଦୁଇଟି ଓଟରେ ଜଳବହନ କରିନେଇ ଆସୁଥିଲା ଭାଗ୍ୟବଶତଃ ସେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ନମାଜ ପାଠ କରୁଥିବାର ଦେଖିନେଲା ସେ ଇମାମତ୍ କରୁଥିଲେ ସେ ସେହି ସ୍ଥଳେ ନିଜ ଓଟକୁ ବସାଇ ମୁଆଜ୍‌ଙ୍କ ନିକଟକୁ ଚାଲିଆସିଲେ ଓ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ସୁରାଃ ବକ୍‌ରା ଅବା ସୁରେ ନିସା ପାଠ କରିବାରୁ ସମ୍ପୃକ୍ତ ବ୍ୟକ୍ତିଜଣକ ନମାଜ ଛାଡ଼ି ଚାଲିଗଲେ ପରେ ତାହାଙ୍କୁ ଖବର ମିଳିଲା ଯେ ତାଙ୍କର ସେହି କାର୍ଯ୍ୟ ଯୋଗୁଁ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ତାଙ୍କୁ ଖରାପ ମଣିଛନ୍ତି । ଅତଏବ ସେ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଅର୍ଥାତ ସେହି ବ୍ୟକ୍ତି ଜଣକ ଯେ ଓଟରେ ଜଳ ଲଦି ନେଇଯାଉଥିଲେ । ଯେତେବେଳେ ହଜୁର ସ:ଆ:ସଙ୍କୁ ସମସ୍ତ ଘଟଣା ସମ୍ପର୍କରେ ସୁଚିତ କଲେ ସେତେବେଳେ ହଜୁର ସ:ଆ:ସ ତିନିଥର କହିଲେ, ହେ ମାଆଜ୍ ! ତୁମେ ତ ଲୋକମାନଙ୍କୁ ପରୀକ୍ଷାରେ ପକାଇବାକୁ ଛାଡ଼ି ଦେଉଛ । ଧର୍ମ ସଙ୍କଟରେ ପକାଇ ଦେଉଛ । ଏଭଳି ଦୀର୍ଘ ସୁରାଃ ପାଠ କରି ତୁମେ କାହିଁକି ଲୋକମାନଙ୍କୁ ହଇରାଣରେ ପକାଉଛ କାହିଁକି ତୁମେ ଛୋଟ ସୁରାଃ ପାଠ କରୁନାହଁ । କାରଣ ତୁମ ପଛରେ ବୟଜ୍ୟୋଷ୍ଠ, ଦୁର୍ବଳ ବୃଦ୍ଧ ଲୋକମାନେ ନମାଜ ପଢୁଛନ୍ତି ।

*(ସହି ବୁଖାରୀ..... ହଦିସ୍ ୭୦୫)*

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ନମାଜରେ ଛୋଟ ସୁରାଃ ପଢ଼ିବା ପ୍ରସଙ୍ଗରେ ହଜୁର ସ:ଆ:ସଙ୍କର ହଜ୍‌ରତ୍ ମାଆଜ୍‌ଙ୍କୁ ଉପଦେଶ ଦେବାର ଚର୍ଚ୍ଚା କରି କୁହନ୍ତି, ହଜୁର ସ:ଆ:ସ ସୁରେ ଆଲା, ସୁରେ ରାସିୟା, ସୁରେ ଫଜଲ୍ ଏବଂ ଏହିପରି କେତେକ ସୁରାଃ ନମାଜ ଫଜର୍‌ରେ ପାଠ କରିବାକୁ ଅଧିକ ପସନ୍ଦ କରୁଥିଲେ । ............... ହଜ୍‌ରତ୍ ଜାବିର୍ ର:ଅଙ୍କ ବର୍ଣ୍ଣନା ଦରଜ ରହିଛି ଯେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଏକଦା ନମାଜ ପଜର୍ ପାଠ କରାଉଥିଲେ, ସେଥିରେ ସେ ସମ୍ଭବତଃ ସୁରେ ଆଲେ ଇମ୍‌ରାନ୍ ଅବା ସୁରେ ନିସା ପାଠ କରିବା ଆରମ୍ଭ କରିଦେଲେ । ଯେତେବେଳେ ସେ ଏଭଳି ଦୀର୍ଘ ନମାଜ ପାଠ କରିବା ଆରମ୍ଭ କଲେ ଜଣେ ବ୍ୟକ୍ତି ନମାଜରୁ ଓହରି ଯାଇ ଅର୍ଥାତ ସାମୁହିକ ନମାଜରୁ ଓହରି ଯାଇ ମସ୍‌ଜିଦ୍‌ର ଏକ କୋଣରେ ଏକାକି ନମାଜ ପାଠ କରି ଚାଲିଗଲେ । ନମାଜ ଅନ୍ତେ କେହି ଜଣେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ସେହି ବ୍ୟକ୍ତି ସମ୍ବନ୍ଧରେ ଅବଗତ କଲେ କି ଅମୁକ ବ୍ୟକ୍ତିଜଣକ ଏଭଳି ହର୍‌କତ୍ କରିଛନ୍ତି । ଏଥିରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ କହିଲେ, ସେ ମୁନାଫିକ୍ ହେବ । ଏଠାରେ ଦରଜ ରହିଛି ଯେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଉକ୍ତ ଘଟଣାର ଚର୍ଚ୍ଚା ସ୍ୱୟମ ହଜୁର ସ:ଆ:ସଙ୍କ ନିକଟରେ କଲେ କି ହଜୁର ମୁଁ ନମାଜ ପଢ଼ାଉଥିଲି ଜଣେ ବ୍ୟକ୍ତି ଆସି ନମାଜରେ ସାମିଲ ହେଲା କିନ୍ତୁ ମୋର ଦୀର୍ଘ ନମାଜ ପଢ଼ାଇବା ଦେଖି ସେ ସାମୁହିକ ନମାଜ ଭଙ୍ଗ କରି ଏକାକି ନମାଜ ପାଠ କରି ଚାଲିଗଲେ । ଯେତେବେଳେ ସମ୍ପୃକ୍ତ ବ୍ୟକ୍ତିକୁ ଏହାର ସୁଚନା ମିଳିଲା । ସେତେବେଳେ ସେ ମଧ୍ୟ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ଫେରାଦ କଲେ କି ହଜୁର ଆମେ ମୁଲିଆ ମଜୁରିଆ ଲୋକ ଏବଂ ସେତେବେଳେ ମୋ ଓଟକୁ ଚାରା ନ ଖୁଆଇ ଛିଡ଼ା କରାଇଦେଇଥିଲି ତେଣୁ ମୁଁ ନମାଜ ଭଙ୍ଗ କରି ଏକାକି ନମାଜ ପାଠ କରି ଘରକୁ ଚାଲିଗଲି ଯଦ୍ୱାରା ମୁଁ ମୋ ଓଟକୁ ଚାରା ଖୁଆଇ ପାରିବି । ଏହା ଶୁଣି ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କ ଉପରେ କ୍ଷୁବ୍ଧ ହେଲେ ଏବଂ କହିଲେ ହେ ମାଆଜ୍ ! କଣ ତୁମେ ଲୋକଙ୍କୁ ଧର୍ମସଙ୍କଟରେ ପକାଇବାକୁ ଚାହୁଁଛ । ତୁମେ ସୁରେ ଆଲା, ସୁରେ ଜୁହା ଓ ସୁରେ ଶମସ୍ କାହିଁକି ପାଠ କରୁନାହଁ । ଏହିସବୁ ପାଠ କରିବାରେ କଣ ଅସୁବିଧା ହେଉଛି ଏ ସବୁ ସୁରାଃ ନପଢ଼ି ତୁମେ ଦୀର୍ଘ ସୁରାଃ କାହିଁକି ପାଠ କରୁଅଛ ? ଏଥିରୁ ଜଣା ଯାଉଛି ଯେ ହଜୁର ସ:ଆ:ସ ଏହି ସୁରାଃ ଗୁଡ଼ିକୁ ମଧ୍ୟ ମଧ୍ୟମ ସ୍ତରର ସୁରାଃ ରୂପେ ବିବେଚିତ କରିଛନ୍ତି । ବିଶେଷ ଅବସରରେ ଜଣେ ନିଃସନ୍ଦେହରେ ଦୀର୍ଘ ସୁରାଃ ପଢ଼ିପାରିବ ଏଥିରେ କୌଣସି ଅସୁବିଧା ନାହିଁ କିନ୍ତୁ ବ୍ୟାଧି ଅବା ଅସୁବିଧାର ସମ୍ମୁଖିନ ସମୟରେ ଛୋଟ ସୁରାଃ ପଢ଼ି ନେବା ଉଚିତ । କିନ୍ତୁ ଉକ୍ତ ସୁରାଃ ଗୁଡ଼ିକ ସାଧାରଣତଃ ନମାଜରେ ଉଚ୍ଚ ସ୍ୱରରେ ପଢ଼ିବା ଉଚିତ ।

*(ତଫ୍‌ସିର୍ କବୀର୍ ଖଣ୍ଡ-୮, ପୃ-୪୭୯ ତଫ୍‌ସିର୍ ସୁରଃ ଫଜର୍)*

ସେ ଯାହା ହେଉ ଏକଥା ମନେ ରଖିବା ଉଚିତ ଯେ ଜରୁରୀ ନୁହେଁ ଯେ କେବଳ ଏହି ସୁରାଃ ଗୁଡ଼ିକ ନମାଜରେ ପାଠ କରିବା ବରଂ ଅଧିକ ଲମ୍ବା ସୁରାଃ ପଢ଼ିବା ଉଚିତ ନୁହେଁ ଯେତେବେଳେ ସାମୁହିକ ନମାଜ ପାଠ କରାଯାଉଥିବ । କାରଣ ସାମୁହିକ ନମାଜରେ ବିଭିନ୍ନ କିସମର ଲୋକ ନମାଜ ପାଠ କରୁଥାଆନ୍ତି ସେମାନଙ୍କୁ ମଧ୍ୟ ଧ୍ୟାନ ରଖିବା ଉଚିତ କାରଣ ସେମାନଙ୍କ ମଧ୍ୟରେ ବ୍ୟାଧିଗ୍ରସ୍ତ ଏବଂ ଶ୍ରମିକ ଶ୍ରେଣୀରେ ଲୋକମାନେ ମଧ୍ୟ ଥାଆନ୍ତି ।

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ବର୍ଣ୍ଣନା କରନ୍ତି, ଏକଦା ମୁଁ ଏକ ବାହନ ଉପରେ ହଜୁର ସ:ଆ:ସଙ୍କ ପଛରେ ବସିଥିଲି ହଜୁର ସ:ଆ:ସ କହିଲେ, ହେ ମାଆଜ୍ ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ଉପସ୍ଥିତ ଅଛି । ମୋର ସୌଭାଗ୍ୟ ଆଦେଶ କରନ୍ତୁ କିନ୍ତୁ ହଜୁର କିଛି ନ କହି ନିରବ ରହିଲେ । ଆମେ ଏହି ଅବସ୍ଥାରୁ କିଛି ଦୁର ଅତିକ୍ରମ କରୁଗଲୁ ହଜୁର ସ:ଆ:ସ ପୁନରାୟ କହିଲେ, ହେ ମୁଆଜ୍ ! ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ ମୁଁ ଉପସ୍ଥିତ ଅଛି ମତେ ଆଦେଶ ଦିଅନ୍ତୁ ମୋର ସୌଭାଗ୍ୟ ହେ ମହାଭାଗ । କିନ୍ତୁ ପନୁରାୟ ହଜୁର କିଛି କହିଲେ ନାହିଁ, ତୃତୀୟ ଥର ଏହିପରି ସମାନ କଥା କହିଲେ ଏବଂ କହିଲେ କଣ ତୁମକୁ ଜଣା ଅଛି ଯେ ଅଲ୍ଲାଃଙ୍କର ନିଜ ଭକ୍ତ ଉପରେ କଣ ଅଧିକାର ରହିଛି ମୁଁ କହିଲି ଅଲ୍ଲାଃ ଓ ତାଙ୍କ ରସୁଲ୍ ଭଲରୂପେ ଜାଣନ୍ତି । ହଜୁର ସ:ଆ:ସ କହିଲେ, ଅଲ୍ଲାଃଙ୍କର ନିଜ ଭକ୍ତ ଉପରେ ଏହି ଅଧିକାର ରହିଛି କି ସେ ତାହାଙ୍କ ଉପାସନା ଓ ଆରାଧନା କରନ୍ତୁ ଅର୍ଥାତ ଭକ୍ତ ନିଜ ପ୍ରଭୁର, ନିଜ ସୃଷ୍ଟିକର୍ତାର ଉପାସନା ଓ ଆରଧନା କରନ୍ତୁ । କାହାରିକୁ ତାଙ୍କର ସମକକ୍ଷ କରନ୍ତୁ ନାହିଁ । କିଛି ଦୁର ଅତିକ୍ରମ କରିବାପରେ ହଜୁର ସ:ଆ:ସ ପୂନରାୟ କହିଲେ, ହେ ମୁଆଜ୍, ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ଉପସ୍ଥିତ ଅଛି ମୋର ସୌଭାଗ୍ୟ ମତେ ଆଦେଶ ଦିଅନ୍ତୁ ମହାଭାଗ । ହଜୁର ସ:ଆ:ସ କହିଲେ, ତୁମକୁ ଜଣାଅଛି ଭକ୍ତର ନିଜ ସୃଷ୍ଟି ଉପରେ କଣ ଅଧିକାର ରହିଛି ମୁଁ କହିଲି ଅଲ୍ଲାଃ ଓ ତାଙ୍କ ରସୁଲ୍ ଭଲରୂପେ ଜାଣନ୍ତି । ହଜୁର ସ:ଆ:ସ କହିଲେ, ପ୍ରଥମେ ତ ପ୍ରଭୁଙ୍କର ଅଧିକାର ଭକ୍ତ ଉପରେ ଏହା ରହିଛି କି ସେ ତାହାଙ୍କର ଭକ୍ତି କରୁ ତା'ପରେ ଭକ୍ତଙ୍କର ଏହି ଅଧିକାର ରହିଛି କି ଯେତେବେଳେ ସେ ନିଜ ସୃଷ୍ଟି କର୍ତାର ଠିକ୍ ଠିକ୍ ରୂପେ ଉପାସନା ସମ୍ପାଦନ କରିନେବ ସେତେବେଳେ ସେ ନିଜ ଭକ୍ତକୁ ଅର୍ଥାତ ପ୍ରଭୁ, ତାଙ୍କ ସୃଷ୍ଟିକର୍ତା ତାହାକୁ ଶାସ୍ତି ଦେଇନଥାଏ । ଅର୍ଥାତ ତା ସହ କ୍ଷମା ଆଚରଣ କରିଥାନ୍ତି । ତାକୁ ଦଣ୍ଡିତ କରିନଥାନ୍ତି । ଏହା ସହି ମୁସ୍‌ଲିମ୍‌ର ବର୍ଣ୍ଣନା ଅଟେ ।

*(ସହି ମୁସ୍‌ଲିମ୍....... ହଦିସ୍-୩୦)*

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ବର୍ଣ୍ଣନା କରନ୍ତି । ଏକଦା ଯାତ୍ରାରେ ମୁଁ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲି ଏବଂ ଆମେ ପଦଯାତ୍ରା କରୁଥିଲୁ । ଏଥି ମଧ୍ୟରେ ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! ମତେ ଏଭଳି ଏକ ଅମଳ ଦର୍ଶାନ୍ତୁ ଯାହା ସମ୍ପାଦନ କଲେ ମୁଁ ବୈକୁଣ୍ଠର ଅଧିକାରି ହୋଇଯିବି ଏବଂ ଅଗ୍ନୀ ମତେ ଛୁଇଁ ପାରିବନାହିଁ । ଏଥିରେ ହଜୁର ସ:ଆ:ସ କହିଲେ, ତୁମେ ତ ବେଶ୍ ବଡ଼ କଥା ପଚାରି ଦେଇଛ କିନ୍ତୁ ପ୍ରଭୁ ଯାହା ପାଇଁ ସରଳିକରଣ କରିଦିଅନ୍ତି ତାହା ପାଇଁ ଦୁଃସାଧ୍ୟ ଓ ଜଟିଳ କାର୍ଯ୍ୟ ମଧ୍ୟ ସରଳ ପାଲଟି ଯାଇଥାଏ । ଦେଖ ପ୍ରଭୁଙ୍କ ଉପାସନା କର ତାଙ୍କ ସହ କାହାରିକୁ ସମତୁଲ୍ୟ କରନାହିଁ । ନମାଜ ପାଠ କର, ଯକାତ୍ ଦିଅ, ରାମ୍‌ଜାନ ମାସରେ ରୋଜା ରଖ, ବଇତୁଲ୍ଲାଃର ହଜ୍ କର । ପୁନଶ୍ଚ ଆପଣ କହିଲେ କଣ ତୁମକୁ ମୁଁ ଏକ ମଙ୍ଗଳମୟ ମାର୍ଗର ସୁତ୍ର ବତାଇବି ନାହିଁ । ଦେଖ ରୋଜା ଏକ ରକ୍ଷାକବଚ ପରି, ସଦ୍‌କା ପାପକୁ ଏଭଳି ମଳିନ କରିଦେଇଥାଏ ଯେପରି ଜଳ ଅଗ୍ନୀକୁ ବୁଝାଇ ଦେଇଥାଏ ଏବଂ ରାତ୍ର ସମୟରେ ମନୁଷ୍ୟର ତହ୍‌ଯୁଦ୍ ନମାଜ ପାଠ କରିବା । ଏଥିଅନ୍ତେ ଆପଣ ଏହି ପଂକ୍ତି ପାଠ କଲେ, **ତତଜାଫା ଜୁନୁବୁହୁମ୍ ଅନିଲ୍ ମଜାଜିଇ ୟଦ୍‌ଉନା ରବ୍‌ବହୁମ୍ ଖୌଫଉଁ ୱ ତମ୍‌ଅନ୍ ୱ ମିମ୍ମା ରଜକ୍‌ନାହୁମ୍ ୟୁନ୍‌ମିକୁନ୍ ଫଲା ତାଲମୁ ନଫ୍‌ସୁମ୍ ମା ଉଖ୍‌ଫିୟାଲହୁମ୍ ମିନ୍ କୁର୍‌ରତି ଆୟୁନିନ୍ ଯଜାଅମ୍ ବିମା କାନୁ ୟାମଲୁନ୍** ଅର୍ଥାତ ବିଶ୍ୱାସକାରୀମାନଙ୍କ ଶରୀର ସେମାନଙ୍କ ସେଜରୁ ପୃଥକ ହୋଇଯାଏ ଏବଂ ସେମାନେ ନିଜ ପାଳନକର୍ତାଙ୍କ ଶାସ୍ତିରୁ ରକ୍ଷା ପାଇବା ପାଇଁ ଓ ତାହାଙ୍କ କରୁଣା ଲାଭ କରିବା ପାଇଁ ତାହାଙ୍କୁ ଡ଼ାକନ୍ତି ଏବଂ ଯାହା କିଛି ଆମ୍ଭେ ସେମାନଙ୍କୁ ପ୍ରଦାନ କରିଅଛୁ ତହିଁର ଅଲ୍ଲାଃ ତାଲାଙ୍କ ଉଦ୍ଦେଶ୍ୟରେ ବ୍ୟୟ କରନ୍ତି ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ପୁନଶ୍ଚ କହିଲେ, କି ମୁଁ ତୁମମାନଙ୍କୁ ସେହି ସମସ୍ତ ଶୀର୍ଷ ଶିଖର ଏବଂ ସେହି ସ୍ତମ୍ଭ ତଥା ତାହାର ଶୀର୍ଷତାର ପୃଷ୍ଟଭାଗ ବିଷୟରେ କହିବିନାହିଁକି ? ତାହା ଜେହାଦ୍ ଅଟେ । ପୁନଶ୍ଚ କହିଲେ କଣ ମୁଁ ତୁମକୁ ଏଭଳି କଥା ଦର୍ଶାଇବି ନାହିଁ ଯାହା ଉପରେ ଉକ୍ତ କଥା ନିର୍ଭରଶୀଳ । ଅର୍ଥାତ ସେହି କଥାଟି ମୌଳିକ କଥା କେନ୍ଦ୍ରବିନ୍ଦୁ ଏବଂ ତାହା ଚର୍ତୁପାଶ୍ୱରେ ସମସ୍ତ କଥା, ସମସ୍ତ ବିଷୟ ପରିକ୍ରମା କରିଥାଆନ୍ତି । ମୁଁ କହିଲି ଅବସ୍ୟ କୁହନ୍ତୁ ହେ ଅଲ୍ଲାଃଙ୍କ ରସୁଲ୍ । ପ୍ରତି ଉତରରେ ହଜୁର ସ:ଆ:ସ ନିଜର ତୁଣ୍ଡକୁ ଧରିଲେ ଏବଂ କହିଲେ ଏହି ତୁଣ୍ଡକୁ ସର୍ବଦା ଅଟକାଇ ରଖିବ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ କଣ ଆମେମାନେ ତାହା ଲାଗି ଦଣ୍ଡିତ ହେବୁ ପ୍ରତି ଉତରରେ ହଜୁର ସ:ଆ:ସ କହିଲେ ହେ ମୁଆଜ୍ ଈଶ୍ୱର ତୁମର ମଙ୍ଗଳ କରନ୍ତୁ ଏହି ତୁଣ୍ଡ ମଣିଷକୁ କେବଳ ନର୍କାଗ୍ନୀରେ ନିକ୍ଷେପ କରିନଥାଏ କିନ୍ତୁ ତାହା ସେମାନଙ୍କର ତୁଣ୍ଡର କଟା ହୋଇଥିବା ଫସଲ ସଦୃଶ ଅର୍ଥାତ ତୁମେ ନିଜ ପାଟିରୁ ଯାହା କିଛି କହୁଛ କଟାକ୍ଷ, ତୁଣ୍ଡର ବାକ୍ୟବାଣ ଯାହାକି ମନୁଷ୍ୟକୁ ଆହତ କରିପକାଇଥାଏ । ଅନ୍ୟଜଣକୁ କ୍ଷତାକ୍ତ କରିପକାଇଥାଏ ଏବଂ ତାହା ଏପରି ହୋଇଥାଏ ଯାହାକି ଅନ୍ୟର ଭାବାନାକୁ ମଧ୍ୟ କଷ୍ଟ ଦେଇଥାଏ ଏବଂ ତାହା ଉପଦ୍ରବ ସୃଷ୍ଟି କରିଥାଏ, ବିଦ୍ରୋହ, ବିଶୃଙ୍ଖଳା ସୃଷ୍ଟି କରିଥାଏ । ତାହା ଦ୍ୱାରା ଅନେକ ମାତ୍ରାରେ ମନ୍ଦ କଥା ଜାତ ହୋଇଥାଏ । ସୁତରାଂ ଯେତେବେଳେ ଏହି ବସ୍ତୁଗୁଡ଼ିକ ମନ୍ଦ ଆଡ଼କୁ ଇଙ୍ଗିତ କରେ କିମ୍ବା ମନ୍ଦ କଥା ବର୍ଣ୍ଣନା କରେ ସେତେବେଳେ ତାହା ତୁମକୁ ନର୍କାଗ୍ନୀରେ ଫିଙ୍ଗିବାର କାରଣ ସାବ୍ୟସ୍ତ ହୋଇଥାଏ ଅର୍ଥାତ ନର୍କର ଶାସ୍ତି ପାଇବାର କାରଣ ସାଜିଥାଏ । ପୁନଶ୍ଚ ହଜୁର ସ:ଆ:ସ କହିଲେ, ତାହା ସେମାନଙ୍କୁ ତଳମୁହାଁ ହୋଇ ନର୍କାଗ୍ନୀରେ ନିକ୍ଷେପକାରୀ ରୂପେ ବିବେଚିତ ହୋଇଥାଏ । ଅତଃ ନିଜର ତୁଣ୍ଡକୁ ସର୍ବଦା ଧ୍ୟାନର ସହିତ ବ୍ୟବହାର କରିବା ଆବଶ୍ୟକ ଏବଂ ସର୍ବଦା ନରମ ଓ ମଧୁର କଥା କହିବା ଉଚିତ । ***(ସୁନନେ ଇବ୍ନେ ମାଜାଃ......... ହଦିସ୍ ନଂ- ୩୯୭୩)***

ହଜ୍‌ରତ୍ କାଆବ୍ ବିନ୍ ମାଲିକ ର:ଅ କହୁଥିଲେ, ଯେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ହଜୁର ସ:ଆ:ସଙ୍କ ଜୀବିତ ଅବସ୍ଥାରେ ଏବଂ ହଜ୍‌ରତ୍ ଅବୁବକର ର:ଅଙ୍କ ଶାସନକାଳରେ ମଧ୍ୟ ମଦିନାରେ ଫତୁଆ ଅର୍ଥାତ ଧର୍ମାଦେଶ ଦେଉଥିଲେ ।

***(ତବକାତୁଲ୍ କୁବ୍‌ରା.......ଖଣ୍ଡ-୨, ପୃ-୨୬୫........ ବେରୁତ ୧୯୯୦)***

ମୁହମ୍ମଦ ବିନ୍ ସୋହେଲ୍ ବିନ୍ ଅବୁ ଖୈସ୍‌ମା ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ହଜୁର ସ:ଆ:ସଙ୍କ କାଳରେ ହିଜ୍‌ରତକାରୀଙ୍କ ମଧ୍ୟରୁ ତିନିଜଣ ବ୍ୟକ୍ତି ଅନ୍‌ସାର ମାନଙ୍କ ମଧ୍ୟରୁ ତିନିଜଣ ବ୍ୟକ୍ତି ଫତୁଆ ଦେଉଥିଲେ । ସେମାନେ ହେଲେ ହଜ୍‌ରତ୍ ଉମର ର:ଅ, ହଜ୍‌ରତ୍ ଉସ୍‌ମାନ ଓ ହଜ୍‌ରତ୍ ଅଲୀ ର:ଅ । ଅନ୍‌ସାରମାନଙ୍କ ମଧ୍ୟରେ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଓ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ ସାମିଲ ଥିଲେ ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୨, ପୃ-୨୬୭....... ବେରୁତ ୧୯୯୦)***

ଅବ୍‌ଦୁର୍ ରହ୍‌ମାନ୍ ବିନ୍ କାସିମ୍ ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଅବୁବକର ସିଦ୍ଧିକ୍ ର:ଅଙ୍କୁ ଯେତେବେଳେ କୌଣସି ସମସ୍ୟାର ସମାଧାନ ନିମନ୍ତେ ପରାମର୍ଶ ନେବାକୁ ପଡ଼ିଥାଏ ସେତେବେଳେ ସେ ବୁଦ୍ଧିମାନ ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ଲୋଡୁଥିଲେ । ଅବା ତାଙ୍କ ହୃଦୟରେ ପ୍ରଶ୍ନ ଉଙ୍କି ମାରୁଥିଲା କି ଲୋକମାନଙ୍କ ଅର୍ଥାତ ବିଦ୍ୱାନ ବ୍ୟକ୍ତିମାନଙ୍କ ପରାମର୍ଶ ନେବା ଏହି ପ୍ରସଙ୍ଗରେ ଉଚିତ ସେତେବେଳେ ସେ ହିଜ୍‌ରତ୍‌କାରୀ ଓ ଅନ୍‌ସାର ବ୍ୟକ୍ତିମାନଙ୍କୁ ଡ଼କାଇ ଏକତ୍ରିତ କରୁଥିଲେ । ସେମାନଙ୍କ ମଧ୍ୟରେ, ହଜ୍‌ରତ୍ ଉମର ର:ଅ, ହଜ୍‌ରତ୍ ଉସ୍‌ମାନ ଓ ହଜ୍‌ରତ୍ ଅଲୀ ର:ଅ ଏବଂ ଅନ୍‌ସାରମାନଙ୍କ ମଧ୍ୟରୁ ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଓ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ ସାମିଲ ଥିଲେ ଯାହାଙ୍କୁ ହଜ୍‌ରତ୍ ଅବୁବକର ର:ଅ ଡ଼କାଇ ସେମାନଙ୍କର ପରାମର୍ଶ ନେଉଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୨୬୭......... ବେରୁତ ୧୯୯୦)***

ଏହି ସମସ୍ତ ସାହାବାମାନେ ହଜୁର ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ କାଳରେ ଫତୁଆ ଦେଉଥିଲେ ଅର୍ଥାତ ଧର୍ମ ସଂକ୍ରାନ୍ତରେ ନିଜର ନିଷ୍ପତି ଶୁଣାଉଥିଲେ । ଏମାନଙ୍କୁ ଏହି ଅଧିକାର ପ୍ରଦାନ କରାଯାଇଥିଲା ଯେ ଏମାନେ ନିଜର ଜ୍ଞାନ ଆଧାରରେ ଫତୁଆ ଦେଇପାରିବେ ଯାହାକି ଏମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ଶିକ୍ଷା ଆହୋରଣ କରିଥିଲେ ।

ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଓ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କ ଖିଲାଫତ କାଳରେ ସିରିୟା ଚାଲିଯାଇଥିଲେ ଏବଂ ସେଠାରେ ବସତି ସ୍ଥାପନ କରିଥିଲେ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଯେତେବେଳେ ସିରିୟା ଅଭିମୁଖେ ବାହାରିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ ସେମାନଙ୍କର ଏଠାରୁ ଚାଲିଯିବା ଦ୍ୱାରା ମଦିନା ବାସିଙ୍କୁ ଫିକା ତଥା ଅନ୍ୟ ଯେଉଁ ପ୍ରସଙ୍ଗରେ ସେ ଫତୁଆ ଦେଉଛନ୍ତି, ଆମକୁ ତାହା ଅନାଥ କରିଦେବ ଅର୍ଥାତ ସେ ତାଙ୍କ ସିରିୟା ଯିବାକୁ ଅନୁମତି ଦେବାର ବାରଣ କରୁଥିଲେ କି ୟାଙ୍କୁ ସିରିୟା ଯିବାକୁ ଦିଅନ୍ତୁ ନାହିଁ । ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ, ଲୋକମାନଙ୍କୁ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କର ଆବଶ୍ୟକତା ରହିଛି, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ଅଟକାନ୍ତୁ କିନ୍ତୁ ହଜ୍‌ରତ୍ ଅବୁବକର ର:ଅ କହିଲେ, ଯେଉଁ ବ୍ୟକ୍ତି ସଂକଳ୍ପ କରିନେଇଛି ଏବଂ ଯିଏ ବୀରଗତି ପ୍ରାପ୍ତି କରିବାର ଇଚ୍ଛୁକ ତାହାକୁ ଅଟକାଇବା କିଭଳି ସମ୍ଭବ ? ହଜ୍‌ରତ୍ ଉମର ର:ଅ କୁହନ୍ତି ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ବୀରଗତି ପ୍ରାପ୍ତିର ଅଭିଳାଷି ଥିବ ସେ ବ୍ୟକ୍ତିକୁ ସଜ୍ୟାରେ ମଧ୍ୟ ସାହାଦତ୍‌ର ସୌଭାଗ୍ୟ ଅର୍ଜନ ହୋଇପାରିବ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୨, ପୃ-୨୬୫............ ବେରୁତ ୧୯୯୦)***

ସୌର୍ ବିନ୍ ୟଜିଦ୍ ବର୍ଣ୍ଣନା କରନ୍ତି, ଯେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଯେତେବେଳେ ରାତ୍ରରେ ନମାଜ ତହ୍‌ଯୁଦ୍ ପଢୁଥିଲେ ସେତେବେଳେ ସେ ଏହି ଦୁଆ ମାଗୁଥିଲେ ହେ ଅଲ୍ଲାଃ ! ଚକ୍ଷୁ ନିଘୋଡ଼ ନିଦ୍ରାରେ ଶୋଇଯାଇଛି ଅର୍ଥାତ ଲୋକମାନେ ଶୟନକୁ ଚାଲିଯାଇଛନ୍ତି, ତାରକାମାନେ ଝିଲିମିଲି ହେଉଛନ୍ତି ତେବେ ହେ ଚୀରଜୀବିତ ଏବଂ ଚୀରସ୍ଥାୟୀ ଅଲ୍ଲାଃ ବୈକୁଣ୍ଠକୁ ପାଇବା ପାଇଁ ମୋର ପ୍ରୟାସ ବହୁତ ଦୃବଳ ସେହିପରି ନର୍କରୁ ବଂଚିବା ମୋ ପକ୍ଷେ କଷ୍ଟକର ତେଣୁ ହେ ଅଲ୍ଲାଃ ମୋ ପାଇଁ ତୁମ ନିକଟରେ ସତ୍‌ମାର୍ଗ ରଖିଦିଅନ୍ତୁ ଯାହାକୁ ପ୍ରଳୟ ଦିବସ ଦିନ ତୁମେ ମତେ ଫେରସ୍ତ କରିଦେବ । ନିଃସନ୍ଦେହ ତୁମେ ପ୍ରତିଶୃତି ଭଙ୍ଗ କରନାହିଁ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୧୮୮.......... ଲେବ୍‌ନାନ୍ ୨୦୦୩)*** । ଏଥିରୁ ସ୍ୱଷ୍ଟ ରୁପେ ଅନୁମୋଦିତ ହେଉଅଛି ଯେ, ଏହି ସାହାବାମାନଙ୍କର ଅଲ୍ଲାଃ ତାଲାଙ୍କ ପ୍ରତି ଭୟର କିଭଳି ଉଚ୍ଚ ପଦରେ ଏମାନେ ଅଧିଷ୍ଠିତ ଥିଲେ ।

ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ହଜୁର ସ:ଆ:ସଙ୍କ ପଛରେ ପାଲାନ୍ ଉପରେ ବସିଥିଲେ । ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ କହିଲେ, ହେ ମୁଆଜ୍ ! ପ୍ରତିଉତରରେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ ମୁଁ ଆପଣଙ୍କ ସେବାରେ ଉପସ୍ଥିତ ଅଛି ମତେ ଆଦେଶ ଦିଅନ୍ତୁ । ପୁନରାୟ ହଜୁର ସ:ଆ:ସ କହିଲେ ହେ ମୁଆଜ୍ ! ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ଉପସ୍ଥିତ ଅଛି ମତେ ଆଦେଶ ଦିଅନ୍ତୁ । ଏହିପରି ଭାବରେ ହଜୁର ସ:ଆ:ସ ତିନିଥର ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ଡ଼ାକିଥିଲେ ଏବଂ କହିଲେ ଯେଉଁ ବ୍ୟକ୍ତି ବି ନିଜର ହୃଦୟ ଅତଳଗହରରୁ ଏହି ସାକ୍ଷ୍ୟ ଦିଏ ଯେ ଅଲ୍ଲାଃ ତାଲାଙ୍କ ବ୍ୟତିତ ଅନ୍ୟ କେହି ବି ଉପାସ୍ୟ ନାହିଁ ଏବଂ ମୁହମ୍ମଦ ମୁସ୍ତଫା ସ:ଆ:ସ ଅଲ୍ଲାଃଙ୍କ ରସୁଲ୍ ତେବେ ସେହି ବ୍ୟକ୍ତି ଉପରେ ନର୍କାଗ୍ନୀ ନିଶ୍ଚିତ ରୂପେ ନିଷିଦ୍ଧ କରିଦିଆଯିବ । ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ଏ ସଂକ୍ରାନ୍ତରେ ଲୋକମାନଙ୍କୁ ସୁଚିତ କରିଦେବି ନାହିଁ ଅର୍ଥାତ ଲୋକମାନଙ୍କୁ ସୁଚିତ କରିଦେବି କି ଯଦ୍ୱାରା ଲୋକମାନେ ପ୍ରସନ୍ନିତ ହୋଇଯିବେ ? ହଜୁର ସ:ଆ:ସ କହିଲେ ନା ଏପରି କଲେ ସେମାନେ ଏଥିରେ ହିଁ ଭରଷା କରି ରହିଯିବେ ଏବଂ ଅନ୍ୟ କିଛି ଅମଳ ଓ ପୂଣ୍ୟ କରିବେ ନାହିଁ । ତେଣୁ ତୁମେ ଲୋକମାନଙ୍କୁ ଏକଥା କୁହନାହିଁ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ମୃତ୍ୟୁବେଳେ ଉକ୍ତ କଥାକୁ କହିଥିଲେ କାରଣ ସେ ଯେପରି ପାପରୁ ବର୍ତିଯିବେ । ***(ସହି ବୁଖାରୀ........ ହଦିସ୍ ୧୨୮)***

ଅର୍ଥାତ ସେ ନିଜର ପରବର୍ତୀ ପିଢ଼ିକୁ ଏହି ଖବର ଦେବାକୁ ଚାହୁଁଥିଲେ ଏହା ତାଙ୍କର ସୁଚିନ୍ତିତ ଚିନ୍ତାଧାରା ଥିଲା ବୋଧ ହୁଏ ମତେ ଉକ୍ତ କଥାକୁ ମୃତ୍ୟୁବେଳେ ଆଗାମୀ ବଂଶଧରକୁ ଓ ବିଦ୍ୱାନ ଓ ଗୁଣିବାନ ଲୋକମାନଙ୍କୁ ପହଂଚାଇ ଦେବାପାଇଁ ସେ ଉଚିତ ମଣିଥିଲେ । ସୁତରାଂ ସେ ଉକ୍ତ କଥାକୁ କହିଲେ କିନ୍ତୁ ନିଜ ଜୀବନ କାଳ ମଧ୍ୟରେ କିମ୍ବା ସ୍ୱାସ୍ଥ୍ୟବସ୍ଥା ଥିବା ସମୟରେ ସେ ଏକଥା କହିନଥିଲେ ।

ହଜ୍‌ରତ୍ ଓଲିଉଲା ସାହା ସାହେବ୍ ସରା ବୁଖାରୀର ବ୍ୟାଖ୍ୟାରେ ଉଲ୍ଲେଖ କରିଛନ୍ତି ଏଠାରେ ତାଙ୍କ ସମ୍ପର୍କୀତ ହଦିସ୍‌ଗୁଡ଼ିକର ଉଲ୍ଲେଖ କରାଯାଇଛି । ସେଗୁଡ଼ିକର ବର୍ଣ୍ଣନା ଉକ୍ତ କଥାକୁ ଦର୍ଶାଯାଉଛି ଏଠାରେ ଯେଉଁ କଥା କୁହାଯାଇଛି କୌଣସି ଜ୍ଞାନବର୍ଦ୍ଧକ କଥାକୁ ବିଶିଷ୍ଟ ଲୋକମାନଙ୍କ ମଧ୍ୟରେ ସିମିତ ରଖିବା ଉଚିତ କାରଣ ସାଧାରଣ ଲୋକେ ଏହାର ସଠିକ୍ ଯଥାର୍ଥତାକୁ ହୃଦୟଙ୍ଗମ କରିପାରିନଥାନ୍ତି ଯଦ୍ୱାରା ତାଙ୍କୁ କ୍ଷତି ସହିବାକୁ ପଡ଼ିଥାଏ କେବଳ ଏତିକି ନୁହେଁ ଅର୍ଥାତ କେବଳ ଏତିକି କହିଦେବା ଯଥେଷ୍ଟ ନୁହେଁ କି, **ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ** ଏବଂ ଏହାପରେ ଅନ୍ୟ କୌଣସି ଅମଳ ଓ ପୂଣ୍ୟକର୍ମ କରିବାର ଆବଶ୍ୟକତା ନାହିଁ ଏପରି ଚିନ୍ତାଧାରା ମଧ୍ୟ ଅନୁଚିତ । ବର୍ତମାନ ଏପରି ଲୋକମାନଙ୍କୁ ମଧ୍ୟ ଆଲୋଚନା କରାଯାଉଛି ଯେ ସେମାନେ କେବଳ ନିଜ ପାଟିରୁ କଲମା କହିଦେଇଥାନ୍ତି ଏବଂ ସେମାନଙ୍କ ଦ୍ୱାରା କୌଣସି କର୍ମ ସମ୍ପାଦିତ ହୋଇନଥାଏ । ଏଭଳି ଅବସ୍ଥା ଆଜିକାଲି ଆମେମାନେ ମୁସଲମାନମାନଙ୍କର ଦେଖିବାକୁ ପାଉଅଛେ ସେମାନେ କିପରି ନିଜ ପାଟିରୁ କଲ୍‌ମା ତ କହିଦେଇଥାନ୍ତି କଲ୍‌ମାର ସାହାଦତ୍ ଦେଇଦେଇଥାନ୍ତି କିନ୍ତୁ କୌଣସି ସୁକର୍ମ ସମ୍ପାଦନ କରିନଥାନ୍ତି ଏବଂ କୌଣସି ପୂଣ୍ୟକର୍ମ ସମ୍ପାଦନ କରିବାକୁ ଆବଶ୍ୟକ ମଣିନଥାନ୍ତି ।

ପୁନଶ୍ଚ ସାହ୍ ଓଲିଉଲା ସାହେବ ଉଲ୍ଲେଖ କରନ୍ତି ଯେ, ମୁସ୍‌ଲିମ୍ ମଧ୍ୟ ହଜ୍‌ରତ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

ଇବ୍‌ନେ ମସ୍‌ଉଦ୍ ର:ଅଙ୍କ ଦ୍ୱାରା ବର୍ଣ୍ଣିତ କଥନକୁ ସଠିକ୍ ବୋଲି ବର୍ଣ୍ଣନା କରିଛନ୍ତି ଯେଉଁଥିରେ ଏହି ଶବ୍ଦ ବର୍ଣ୍ଣିତ ରହିଛି, **ମାଅନ୍‌ତା ବିମୁହଦିସିନ୍ କୌମନ୍ ହଦିସନ୍ ଲା ଯବ୍‌ଲୁଗୁହୁ ଉକୁଲୁହୁମ୍ ଇଲ୍ଲାକାନା ଲିବାଆଜିହିମ୍ ଫିତ୍‌ନାଃ** ହଜୁର ସ:ଆ:ସଙ୍କ ବର୍ଣ୍ଣିତ କଥାର ଅର୍ଥ ଓ ଯଥାର୍ଥ ଏହି କି ଯେ, ଲୋକମାନଙ୍କୁ ସେମାନଙ୍କ ବୁଦ୍ଧି ଏବଂ ଚାତୁର୍ଯ୍ୟତା ଅନୁଯାୟୀ ସମ୍ବୋଧନ କରିବା ଉଚିତ କାରଣ କେତେକ କଥା ଉପଦ୍ରବରେ ସଂକ୍ରମିତ କରିଦେଇଥାଏ । ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ବର୍ତମାନ ଆମେ ଏହା ଅବଲୋକନ କରୁଛୁ ଯେ ଯେଉଁମାନେ ନିଜକୁ ମୋମିନ୍ ଅର୍ଥାତ ବିଶ୍ୱାସକାରୀ ବୋଲି ମଣୁଛନ୍ତି ସେମାନେ କଲ୍‌ମା **ଲା ଇଲାହା ଇଲ୍ଲଲ୍ଲାହୁ** କୁ ବାଚନିକ ସ୍ୱୀକାରୋକ୍ତି ରୂପେ ନିଜ ପାଇଁ ଆଳ ରୂପେ ଗ୍ରହଣ କରିନେଇଛନ୍ତି ଏବଂ ସରିୟତ ଅର୍ଥାତ ଧର୍ମବିଧାନର କଷ୍ଟକର କାର୍ଯ୍ୟରୁ ମାନବଜାତିକୁ ମୁକ୍ତ କରି ସେମାନଙ୍କୁ ବିଶ୍ୱାସର ପ୍ରମାଣପତ୍ର ଧରାଇ ଦେଇଛନ୍ତି ଏବଂ **ସିଦ୍‌କମ୍ ମିନ୍ କଲ୍‌ବିହି** ଅର୍ଥାତ ଏହାର ଆବଶ୍ୟକତା ପ୍ରସଙ୍ଗରେ କୌଣସି ଚିନ୍ତା କରୁନାହାନ୍ତି ପ୍ରତ୍ୟେକ ମୌଲବୀ ଓ ପ୍ରତ୍ୟେକ ଜ୍ଞାନବନ୍ତ ବ୍ୟକ୍ତି ଏହା ମନେ କରେ ଯେ ଯେଉଁ ବ୍ୟକ୍ତି ମୋ ପଛରେ ନମାଜ ପଢୁଅଛି ସେ ସେହି କଲ୍‌ମା ପଢ଼ିନିଏ ତେବେ ତାହାକୁ ପ୍ରମାଣ ପତ୍ର ମିଳିଗଲା ତାହାପାଇଁ ଅନ୍ୟ କୌଣସି ବସ୍ତୁର ଆବଶ୍ୟକତା ନାହିଁ । ପୁନଶ୍ଚ ସାହା ଓଲିଉଲା ସାହେବ ଉଲ୍ଲେଖ କରିଛନ୍ତି ମୁହଁରୁ ଏହା ସ୍ୱୀକାର କରିବା ଅର୍ଥାତ କଲ୍‌ମାର ସ୍ୱୀକାର କରିବାରେ  ଜଣକୁ ମୁସଲମାନ ସାବ୍ୟସ୍ତ କରିଥାଏ ସେ ବିଶ୍ୱାସକାରି ବୋଲି ତାହାକୁ ପ୍ରମାଣିତ କରିଥାଏ କାରଣ ଏହା ହଜୁର ସ:ଆ:ସଙ୍କ କଥନ କିନ୍ତୁ ପ୍ରକୃତ ବିଶ୍ୱାସ ତାହା ହୃଦୟରେ ରହିଛି କି ନାହିଁ ଓ ସେ କେବଳ ନିଜ ମୁଖରୁ କହୁଛି ବରଂ ତାହା ବିଶ୍ୱାସ ସୁରେୟା ତାରକା ଉପରେ ଯାଇ ଅବସ୍ଥାପିତ ହୋଇଯାଇଛି ଯେତେବେଳେ ଏହି କଥାଟି କୁହାଯାଇଥିଲା ସେହି ଲୋକମାନେ ଉପସ୍ଥିତ ଥିଲେ ତାହା କଳିଯୁଗ ଆଡ଼କୁ ଇଙ୍ଗିତ କରେ ପୁନଶ୍ଚ ସେ ଉଲ୍ଲେଖ କରନ୍ତି, **ମନ୍ ଲକିୟଲ୍ଲାହା ଲା ୟୁଶ୍‌ରିକୁ ବିହି ଶୈୟା** ଅର୍ଥାତ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କୁ ସାକ୍ଷାତ କରିବାକୁ ଇଚ୍ଛୁକ ତେବେ ସେ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସିର୍କରୁ ନିଜକୁ ନିବୃତ ରଖିବା ଉଚିତ ତେବେ ସେ ପରିପେକ୍ଷୀରେ ଏହା କୁହାଯାଇପାରିବ ଯେ ସେହି ବ୍ୟକ୍ତି ବୈକୁଣ୍ଠରେ ପ୍ରବେଶ କରିବ । ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ଦୁଇ ତିନିଥର ସମ୍ବୋଧିତ କରି ମଉନ ରହିଯିବା ଏବଂ ପୁର୍ନବାର ଉକ୍ତ କଥାଟି କହିବା ଏହା ସେହି କଥାକୁ ସାବ୍ୟସ୍ତ କରୁଛି ଯେ ହଜୁର ସ:ଆ:ସଙ୍କ ସନ୍ଧାନ ପ୍ରସଙ୍ଗରେ ଅନୁଭାବନା ଓ ଅଭିଳାଷାକୁ ଆନ୍ଦୋଳିତ କରିଛନ୍ତି । ହଜୁର ସ:ଆ:ସ ଯେତେବେଳେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ ଡ଼ାକିଲେ ଏବଂ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ପ୍ରତିଉତରରେ କହିଥିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଉପସ୍ଥିତ ଅଛି ମତେ ଆଦେଶ ଦିଅନ୍ତୁ କିନ୍ତୁ ତାହାପରେ ହଜୁର ସ:ଆ:ସଙ୍କର ତାଙ୍କୁ କିଛି ନ କହିବା ଓ ତିନିଥର  ପର୍ଯ୍ୟନ୍ତ ଏହିପରି ପୂର୍ନବାର ତାଙ୍କୁ ଡ଼ାକରା ଦେବା ଯେ କହିବାରେ ହଜୁର ସ:ଆ:ସଙ୍କର ତାତ୍ପର୍ଯ୍ୟ କଣ ଥିଲା ହଜୁର ତାଙ୍କୁ କଣ କହିବାକୁ ଚାହୁଁଥିଲେ । ଯେତେବେଳେ ଏହି ଉତ୍ସାହଟି ଏକ ବିଶେଷ ଧ୍ୟାନଟିକୁ କେନ୍ଦ୍ରିଭୁତ କଲା ଅର୍ଥାତ ତାଙ୍କୁ ତିନିଥର ଡ଼ାକିବାରେ ସମ୍ଭବତଃ ଏହି ଉଦ୍ଦେଶ୍ୟ ରହିଥିଲା କି ତାଙ୍କର ବିଶେଷ ଧ୍ୟାନ ହଜୁର ସ:ଆ:ସଙ୍କ ପ୍ରତି କେନ୍ଦ୍ରିଭୁତ ହେଉ । ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କୁ କହିଲେ ଅର୍ଥାତ ଯେତେବେଳେ ତାଙ୍କ ଧ୍ୟାନ କେନ୍ଦ୍ରିଭୁତ ହୋଇଗଲା ସେତେବେଳେ ସେ ହଜୁର ସ:ଆ:ସ ତାଙ୍କୁ କହିଥିଲେ ଅର୍ଥାତ ସାହ୍ ଓଲିଉଲା ସାହେବ୍ ଉଲ୍ଲେଖ କରନ୍ତି ଯେ, ହଜୁର ସ:ଆ:ସଙ୍କର କହିବାର ଅଭିପ୍ରାୟ ଏହା ଥିଲା କି ଯେଭଳି ତାଙ୍କ ମନମସ୍ତିଷ୍କରେ ହଜୁର ଯାହା କହିବାକୁ ଚାହୁଁଛନ୍ତି ତାହା ଉଲ୍ଲେଖିତ ହୋଇଯାଉ ତାହା ରଚୟିତ ହୋଇଯାଉ ତାଙ୍କ ଆତ୍ମାରେ ତାହା ପ୍ରବେଶ କରିଯାଉ, ବସା ବାନ୍ଧିଯାଉ । ଉକ୍ତ କଥାକୁ ତାଙ୍କ ମସ୍ତିଷ୍କରେ ସେ ଲେଖିଦେବାକୁ ଚାହୁଁଥିଲେ ସେଥିପାଇଁ ତାଙ୍କର ବିଶେଷ ଧ୍ୟାନ ଆକର୍ଷିତ କରିଥିଲେ । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ମଧ୍ୟ ହଜୁର ସ:ଆ:ସଙ୍କର ଏହି ଆଦେଶକୁ ସମ୍ପୁର୍ଣ୍ଣରୂପେ ସମ୍ମାନ ଜଣାଇଥିଲେ ଓ ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ କଥାକୁ ଲୋକମାନଙ୍କ ନିକଟରେ ପ୍ରକାଶ କରିନଥିଲେ କିନ୍ତୁ ମୃତ୍ୟୁ ବେଳକୁ ସେ ତାହା କହିବାକୁ ବାଧ୍ୟ ହୋଇଥିଲେ କାରଣ ପରଲୋକରେ ଅଲ୍ଲାଃ ତାଲା ତାଙ୍କୁ ପ୍ରଶ୍ନ କରିବେ ଯେ ଅଲ୍ଲାଃ ତାଲାଙ୍କ ରସୁଲ୍‌ଙ୍କ ଦ୍ୱାରା କୁହାଯାଇଥିବା କଥାକୁ ସେ କାହିଁକି ଗୋପନ ରଖିଲେ ଏବଂ ଲୋକମାନଙ୍କ ନିକଟରେ ପ୍ରକାଶ କଲେନାହିଁ ଅର୍ଥାତ ଏଭଳି ସାରଗର୍ଭିକ ଓ ସୁତ୍ର କଥା ଯାହାକି ଲୋକମାନଙ୍କ ମୋକ୍ଷ ପ୍ରାପ୍ତିର କାରଣ ସାବ୍ୟସ୍ତ ହେବ ତାଙ୍କୁ ମୋକ୍ଷ ପ୍ରଦାନ କରିବ କାହିଁକି ସେ ଦର୍ଶାଇଲେ ନାହିଁ ତାଙ୍କ ନିକଟରେ ପହଂଚାଇଲେ ନାହିଁ । *(ସହି ବୁଖାରୀ ମୁତରଜିମ୍ ଖଣ୍ଡ-୧, ପୃ-୨୧୧,୨୧୨.....ରବୱା)*

ଯେପରି କହିବାକୁ ଗଲେ ଆଜିକାଲି ମୁସଲମାନମାନଙ୍କର ବିଶ୍ୱାସର ଦାବି କରିବା ସେମାନେ କଲ୍‌ମା ପଢ଼ିବା ଏହା ଦର୍ଶାଉଛି ଯେ, ସେମାନେ ସମ୍ପୁର୍ଣ୍ଣରୂପେ ସିର୍କରୁ ପବିତ୍ର ହୋଇଯାଇଛନ୍ତି କିନ୍ତୁ ସେମାନଙ୍କର ହୃଦୟ ସିର୍କରେ ପରିପୂର୍ଣ୍ଣ ରହିଥାଏ । ସେମାନେ ସାଂସାରିକ ବସ୍ତୁ ଉପରେ ଭରଷା ଓ ନିର୍ଭରଶୀଳ ରହିଥାନ୍ତି । ସେହିପରି ବଡ଼ବଡ଼ିଆ ଉଦ୍‌ବୋଧକ ମାନେ ମଧ୍ୟ ସାଂସାରିକ ବସ୍ତୁ ଉପରେ ଭରଷା କରୁଛନ୍ତି ସେମାନଙ୍କର ପ୍ରକୃତ ଚିତାବସ୍ଥା ବିଷୟରେ ଯଦି ଅନୁଧ୍ୟାନ କରାଯାଏ ତେବେ ଏହି ହଦିସ୍ ଯାହା ବର୍ଣ୍ଣନା କରାଯାଇଛି ଏବଂ କଲ୍‌ମା ପାଠ କରିବା ଦ୍ୱାରା ଅଗ୍ନୀ ତୁମ ଉପରେ ଅବୈଧ କରାଇ ଦିଆଯିବ ତୁମେ ତାହାଠାରୁ ମୁକ୍ତି ପାଇନେବ । ଏହା ସ୍ପଷ୍ଟରୂପେ ପ୍ରକାଶ କରୁଛି ଯେ, ଏହି ପୁରସ୍କାର ଅଲ୍ଲାଃ ତାଲା ହିଁ ପ୍ରଦାନ କରିବେ କୌଣସି ମନୁଷ୍ୟର ଏ କାର୍ଯ୍ୟ ନୁହେଁ ଏବଂ ନା ତା'ର ଅଧିକାର ଯେ, ସେ କୌଣସି କଲ୍‌ମା ପଠନକାରୀ ଉପରେ ଫତୱା ଦେବେ କି କୌଣସି ମୁସଲମାନ ଅନ୍ୟ ମୁସଲମାନକୁ ଏହି ଫତୱା ଦେବକି ସେ ମୁସଲମାନ କି କାଫିର୍ ।

ଏହା ସେମାନଙ୍କର ସ୍ୱକଳ୍ପିତ ଫତୁଆ ଯାହା ପବିତ୍ର କୋରାନୀୟ ଶିକ୍ଷାର ବିପରୀତ । ଅତଃ ଆଜିକାଲି ଯାହା ମୁସଲମାନମାନଙ୍କ ମଧ୍ୟରେ ପ୍ରସିଦ୍ଧ ଯେ ଆଜିକାଲି ଆମେ ମିଲାଦୁନ୍ ନବୀ ପାଳନ କରୁଛେ । ରବିଉଲ୍ ଅୱଲ୍ ଅବସରରେ ହଜୁର ସ:ଆ:ସଙ୍କ ପ୍ରଦତ ଶିକ୍ଷା ଓ ତାଙ୍କର ଆଦର୍ଶକୁ ଆମେ ଆପଣେଇବା ଉଚିତ । ନିଜ ଜ୍ଞାନ ଅନୁଯାୟୀ ନିଜକୁ ମୁସଲମାନ ବୋଲି ବିବେଚିତ କରିବା ଅନୁଚିତ ବରଂ କଲ୍‌ମା ପଢୁଥିବା ଲୋକମାନଙ୍କୁ ଏବଂ ସେମାନଙ୍କ ପ୍ରସଙ୍ଗକୁ ଅଲ୍ଲାଃ ତାଲାଙ୍କ ଉପରେ ଛାଡ଼ିଦେବା ଉଚିତ । ଉପରୋକ୍ତ କଥାଗୁଡ଼ିକ ହଜୁର ସ:ଆ:ସଙ୍କ ଆତ୍ମାକୁ ପ୍ରସନ୍ନ କରିବ । ହଜୁର ସ:ଆ:ସଙ୍କର ସମ୍ପ୍ରଦାୟ ପକ୍ଷରୁ ହଜୁର ସ:ଆ:ସଙ୍କୁ ପ୍ରସନ୍ନିତ କରିବ ନା କି ଆମେ ପରସ୍ପରକୁ କାଫିର୍ କହି ପାପର ଭାଗିଦାର ହେବା ଯାହା ଅଲ୍ଲାଃ ଓ ରସୁଲ୍ ଧାର୍ଯ୍ୟ କରିଛନ୍ତି ତାହାକୁ ଅଣଦେଖା କରି ନିଜ ତରଫରୁ ଫତୱା ଜାରି କରିବା କି କିଏ ମୁସଲମାନ ଓ କିଏ କାଫିର୍ ଏହା ଘୋର ପାପ ଅଟେ । ଆମେମାନେ ହଜୁର ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିବା ସହିତ ଏହି ଅବସରରେ ଅର୍ଥାତ ମିଲାଦୁନ୍ ନବୀ ଅବସରରେ ଦରୁଦ୍ ପ୍ରେରଣ କରିବା ସହିତ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନ କରିବା ଉଚିତ ଯେ ସେ ହଜୁର ସ:ଆ:ସଙ୍କ ଧର୍ମକୁ ଅପୁତ୍ରିକ ଛାଡ଼ିନାହାନ୍ତି କାରଣ ନିଜର ପ୍ରତିଶୃତି ଅନୁଯାୟୀ ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ଅଲ୍ଲାଃ ମଧ୍ୟ ନିଜ ଧର୍ମକୁ ଅପୁତ୍ରିକ ଛାଡି ନାହାନ୍ତି ବରଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ପ୍ରେରଣ କରିଦେଇଛନ୍ତି ଯିଏ ସେହି କଲ୍‌ମା ଓ ସରିୟତର ଆଦେଶବଳିଗୁଡ଼ିକର ବାସ୍ତବତାକୁ ଆମମାନଙ୍କ ସମ୍ମୁଖରେ ଆଣିଦେଇଛନ୍ତି ଓ ତାହାର ବ୍ୟାଖ୍ୟା କରିଛନ୍ତି କାରଣ ପ୍ରକୃତ ପକ୍ଷରେ ନର୍କାଗ୍ନୀ ଆମମାନଙ୍କ ଉପରେ ସେତେବେଳେ ଅବୈଧ ହେବ ଯେତେବେଳେ ଆମେ ତାଙ୍କ କଥା ଉପରେ ପରିଚାଳିତ ହେବା । ଅଲ୍ଲାଃ ତାଲା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ଅସ୍ୱୀକାର କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ସେମାନେ ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତୁ ଏବଂ ଆମମାନଙ୍କୁ ମଧ୍ୟ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ହୃଦୟଙ୍ଗମ କରିବାକୁ ଏବଂ ତାହା ଉପରେ ପରିଚାଳିତ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ବର୍ଣ୍ଣନା କରନ୍ତି ଯେ ଆମେମାନେ ହଜୁର ସ:ଆ:ସଙ୍କ ସହିତ ତବୁକ୍ ଯୁଦ୍ଧ ବର୍ଷ ବାହାରିଲୁ ହଜୁର ସ:ଆ:ସ ନମାଜ ଏକତ୍ର ପାଠ କରୁଥିଲେ ଅର୍ଥାତ ଜମା କରୁଥିଲେ । ହଜୁର ସ:ଆ:ସ ନମାଜେ ଅସର୍ ଓ ଜୋହର୍ ତଥା ମଗ୍‌ରିବ ଓ ଇଶା ନମାଜ ଜମାକରି ପଢୁଥିଲେ । ଦିନେ ହଜୁର ସ:ଆ:ସ ବିଳମ୍ବ କଲେ ନମାଜ ପାଠ କରିବାରେ, ଅର୍ଥାତ ନମାଜ ଜୋହର୍ ଓ ଅସର୍ ନମାଜ ପାଠ କରିବାରେ ହଜୁର ସ:ଆ:ସଙ୍କର ବିଳମ୍ବ ହୋଇଗଲା । ହଜୁର ସ:ଆ:ସ ବାହାରକୁ ବାହାରିଲେ ଏବଂ ନମାଜ ଜୋହର୍ ଓ ଅସର୍ ଜମା କରି ପାଠ କଲେ ତା'ପରେ ପୁନରାୟ ଭିତରକୁ ପ୍ରସ୍ଥାନ କରିଗଲେ ଏହାପରେ ହଜୁର ବାହାରକୁ ବାହାରିଲେ ଏବଂ ନମାଜ ମଗ୍‌ରିବ ଓ ଇଶା ଏକତ୍ରିତ କରି ପାଠ କଲେ ଏବଂ କହିଲେ ଇନ୍‌ଶାଅଲ୍ଲାଃ ତାଲା ଆଗାମି କାଲି ଆମେ ତବୁକ୍‌ର ଝରଣା ନିକଟରେ ପହଂଚିଯିବା ଏହାର ଅର୍ଥ ନୁହେଁ ଯେ ଚରୋଟି ଯାକ ନମାଜ ଅର୍ଥାତ ନମାଜ ଜୋହର୍, ଅସର, ମଗ୍‌ରିବ ଓ ଇଶା ଏକତ୍ରିତ କରି ପଢ଼ିଥିଲେ ଏବଂ ସେମାନଙ୍କ ମଧ୍ୟରେ କୌଣସି ସମୟ ବ୍ୟବଧାନ ରଖିନଥିଲେ ବରଂ ସେ ଚରୋଟି ନମାଜ ମଧ୍ୟରେ ସମୟ ବ୍ୟବଧାନ ରଖିଥିଲେ ଓ ଯଥା ସମ୍ଭବ ସମୟ ରଖି ଶେଷ ପ୍ରହରରେ ନମାଜ ଜୋହର ଓ ଅସର୍ ନମାଜ ପାଠ କରି ଭିତରକୁ ଯାଇ ପୁଣି ପୁନରାୟ ଆସି ମଗ୍‌ରିବ ଓ ଇଶା ନମାଜ ପାଠ କରିଥିଲେ । ସେ ଯାହା ହେଉ ନା କାହିଁକି ଯେପର୍ଯ୍ୟନ୍ତ ସ୍ପଷ୍ଟରୂପେ ସୂର୍ଯ୍ୟଦୋୟ ହୋଇନାହିଁ ସେ ପର୍ଯ୍ୟନ୍ତ ତୁମେ ଝରଣା ନିକଟରେ ପହଂଚିବ ନାହିଁ । ଅର୍ଥାତ ହଜୁର ସ:ଆ:ସ କହିଲେ ତୁମେମାନେ କଳନା କରିବ ଯେ ଦିନବେଳା ସେଠାରେ ଅର୍ଥାତ ତବୁକ୍‌ର ଝରଣା ନିକଟରେ ପହଂଚିବ ଏବଂ ଯେ ପର୍ଯ୍ୟନ୍ତ ମୁଁ ପହଂଚିନାହିଁ ସେ ପର୍ଯ୍ୟନ୍ତ ତୁମେ ସେଠାରେ ପଂହଚି ସେହି ଝରଣା ଜଳକୁ ଆଦୌ‌ଂ ସ୍ପର୍ଶ କରିବନାହିଁ ତାହାକୁ ପାନ କରିବ ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଆମେ ସେହି ଝରଣା ନିକଟରେ ପହଂଚିଲୁ କିନ୍ତୁ ଆମ ପୂର୍ବରୁ ଦୁଇଜଣ ବ୍ୟକ୍ତି ସେଠାରେ ପହଂଚି ସାରିଥିଲେ । ଝରଣାର ଜଳ ସ୍ଥିର ଥିଲା ଓ ଅଳ୍ପ ଅଳ୍ପ ପାଣି ସେଠାରୁ ଝରୁଥିଲା ତାହାର ଧାରା ଅତି ସୂକ୍ଷ୍ମ ଥିଲା । ବର୍ଣ୍ଣନାକାରୀ କୁହନ୍ତି ଯେ ହଜୁର ସ:ଆ:ସ ଉଭୟଙ୍କୁ ପଚାରିଲେ ଯେ ତୁମେକଣ ଏହି ଝରଣା ଜଳକୁ ସ୍ପର୍ଶ କରିଛ ଅବା ତାହାର ଜଳ ପାନ କରିଛ ? ଉତରରେ ସେମାନେ କହିଲେ ଆଜ୍ଞା ହଁ ଆମେ ସେହି ଝରଣାକୁ କାଢ଼ି ପାନ କରିଛୁ । ଏହାପରେ ହଜୁର ସ:ଆ:ସ କହିଲେ କଣ ମୁଁ ତୁମକୁ କହିନଥିଲି ଯେ, ଏହି ଝରଣା ଜଳକୁ ସ୍ପର୍ଶ କରିବ ନାହିଁ କି ତାହାକୁ ପାନ କରିବ ନାହିଁ । ବର୍ଣ୍ଣନାକାରୀ କୁହନ୍ତି ଯେ ଲୋକମାନେ ଉକ୍ତ ଝରଣାରୁ ସ୍ୱହସ୍ତରୁ ଅଳ୍ପ ଅଳ୍ପ କରି ପାଣି କାଢ଼ିଲେ ଏବଂ ଗୋଟିଏ ବାସନରେ ଭରି ଏକତ୍ରିତ କଲେ ତା'ପରେ ହଜୁର ସ:ଆ:ସଙ୍କୁ ସେହି ଜଳପୂର୍ଣ୍ଣ ପାତ୍ରଟିକୁ ଦିଆଗଲା । ହଜୁର ନିଜର ମୁଖମଣ୍ଡଳକୁ ଧୋଇ ବା ପରେ

ବାକିଥିବା ଜଳକୁ ଝରଣା ମଧ୍ୟକୁ ଛାଡ଼ି ଦେଇଥିଲେ । ଅର୍ଥାତ ସେହି ଝରଣାର ପୃଷ୍ଠଭାଗରେ ହଜୁର ହାତ ଓ ମୁହଁ ଧୋଇଥିଲେ ଯଦ୍ୱାରା ନିଜ ଶରୀରରୁ ବୋହିଯାଇଥିବା ଜଳ ପୂନରାୟ ଝରଣାରେ ମିଶିଯାଇଥିଲା । ଏବେ ଝରଣାର ସ୍ରୋତ ଏଭଳି ପ୍ରଖର ହୋଇଗଲା ଏବଂ ତାହାର ଧାରା ଏଭଳି ତିବ୍ର ହୋଇଗଲା ଯେ, ସମସ୍ତ ଲୋକମାନେ ନିଜ ନିଜର ତୃଷ୍ଣା ନିବାରଣ କଲେ । ପୁନଶ୍ଚ ହଜୁର ସ:ଆ:ସ କହିଲେ ହେ ମୁଆଜ୍ ଯଦି ତୁମେ ଦୀର୍ଘାୟୁ ହୁଅ ତେବେ ତୁମେ ଦେଖିନେବ ଯେ ଉକ୍ତ ସ୍ଥାନଟି ସମ୍ପୁର୍ଣ୍ଣରୂପେ ଉଦ୍ୟାନରେ ପରିପୂର୍ଣ୍ଣ ହୋଇଯାଇଛି । ***(ସହି ମୁସ୍‌ଲିମ୍........ ହଦିସ୍ ୭୦୬)***

ଆହାଦିସ୍ ପୁସ୍ତକରେ ଏହା ଦରଜ ରହିଛି ଯେ, ଏହି ଚମତ୍କାର ସେତେବେଳେ ଘଟିଥିଲା ଯେତେବେଳେ ନବୀ କରିମ୍ ସ:ଆ:ସ ତବୁକ୍ ସ୍ଥାନରେ ପହଂଚିଥିଲେ ଉକ୍ତ ଘଟଣାଟି ସିରତ୍ ଇବ୍‌ନେ ହିସାମ୍‌ରେ ବର୍ଣ୍ଣିତ ରହିଛି । ତବୁକ୍ ନାମକ ସ୍ଥାନରୁ ଯେପରି ଫେରିବାପରେ ଏକ ସମତଳ ଉପତ୍ୟକା ଅଂଚଳରେ ଉକ୍ତ ଘଟଣାଟି ଘଟିଥିଲା ଯାହାର ନାମ ମୁଶକ୍କକ୍ ***(ସିରତୁନ୍ ନବୱିୟା....... ପୃ-୮୨୧-୮୨୨........ ବେରୁତ ୨୦୦୧)।***

ଉକ୍ତ ଘଟଣାଟି ଇମାମ୍ ମାଲିକ୍ ନିଜର ପୁସ୍ତକ ମୌତାରେ ମଧ୍ୟ ବର୍ଣ୍ଣନା କରିଛନ୍ତି । ମୁହମ୍ମଦ ବିନ୍ ଅବ୍‌ଦୁଲ୍ ବାକି ଜର୍କାନୀ ସେହି ହଦିସ୍‌ର ବ୍ୟାଖ୍ୟାରେ ବର୍ଣ୍ଣନା କରନ୍ତି ଯେ, ଅବୁ ୱଲିଦ୍ ବାଜି କୁହନ୍ତି ଯେ ଏହା ଅଦୃଷ୍ଟ ସମ୍ବନ୍ଧିୟ ସମ୍ବାଦ ଯାହା ଘଟିତ ହୋଇଥିଲା । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କ ସମ୍ବନ୍ଧରେ ବିଶେଷରୂପେ ଚର୍ଚ୍ଚା ରହିଛି ଏହି ସମ୍ବନ୍ଧରେ ହଜୁର ସ:ଆ:ସ ଏଥିପାଇଁ କହିଥିଲେ କାରଣ ସିରିୟାରୁ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ସ୍ଥାନାନ୍ତରିତ ହୋଇଥିଲେ ଏବଂ ସେହିଠାରେ ହିଁ ତାଙ୍କର ବିୟୋଗ ଘଟିଥିଲା । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଐଶିବାଣୀ ମାଧ୍ୟମରେ ଏହା ଜଣାଯାଇଥିଲା ଯେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଏହି ସ୍ଥାନଟିକୁ ଦେଖିବେ ଅର୍ଥାତ ହଜୁର ସ:ଆ:ସଙ୍କୁ ଏହା ଜଣାଯାଇଥିଲା ଯେ ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ଏହି ସ୍ଥାନଟିକୁ ଦେଖିବେ ଓ ଏହି ଉପତ୍ୟକା ଅଂଚଳଟି ତାଙ୍କ ପାଇଁ ମାଙ୍ଗଳିକ, ଶୁଭଲଗ୍ନ ଓ ମୋକ୍ଷାଦି ଉଦ୍ୟାନର ସମାହାର ପାଲଟି ଯାଇଥିବ ।

ଅଲ୍ଲାମାଃ ଇବ୍‌ନେ ଅବ୍‌ଦୁଲ୍ ବର୍ କୁହନ୍ତି ଯେ ଇବ୍‌ନେ ୱଜାହ୍ ଦର୍ଶାଇଛନ୍ତି ଯେ ମୁଁ ସେହି ଝରଣାର ଆଖପାଖର ସେହି ସମସ୍ତ ସ୍ଥାନଟିକୁ ଦେଖିଛି ସେଠାରେ ବୃକ୍ଷଲତାରେ ପରିପୂର୍ଣ୍ଣ ରହିଛି ଶସ୍ୟଶ୍ୟାମଳ ଓ ହରିତବର୍ଣ୍ଣ ଅଂଚଳଟି ଯାହା ବୋଧ ହୁଏ ଏହି ପରମ୍ପରାଟି ପ୍ରଳୟକାରି ଦିବସ ପର୍ଯ୍ୟନ୍ତ ଜାରି ରହିବ । ଏହିପରି ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ ପୁରଣ ହୋଇଥିଲା ଯାହାକି ଏକ ୱାଦି ଅଂଚଳ ଥିଲା କିନ୍ତୁ ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ତାହା ସମ୍ପୁର୍ଣ୍ଣରୂପେ ଶସ୍ୟଶ୍ୟାମଳ ଓ ସବୁଜବର୍ଣ୍ଣ ରହିଛି ଏବଂ ସମ୍ଭବତଃ ଅନ୍ତିମ ଦିବସ ପର୍ଯ୍ୟନ୍ତ ଏହିପରି ଅଭ୍ୟାହତ ରହିବ । ***(ଶରହ୍ ଜର୍‌କାନୀ ଅଲଲ୍ ମୋତା ଖଣ୍ଡ-୧, ପୃ-୪୩୬...... ବେରୁତ ୧୯୯୭)***

ଅଟ୍‌ଲସ୍ ସିରତୁଲ୍ ନବୀ ସ:ଆ:ସ ଉଲ୍ଲେଖ କରନ୍ତି, ତବୁକ୍‌ର ସରିୟା ବିଭାଗର ମୁଖ୍ୟ କହିଲେ, ଏହି ଝରଣାଟି ଦୁଇବର୍ଷ ପୂର୍ବେ ଦୀର୍ଘ ୧୩୭୫ ବର୍ଷ ପର୍ଯ୍ୟନ୍ତ ଅହରହ ଉତୁରୁ ଥିଲା ପରବର୍ତୀ ସମୟରେ ଯେତେବେଳେ ଅବରୋହଣ ଅଂଚଳରେ ନଳକୂପ ଖନନ କରାଗଲା ସେତେବେଳେ ଉକ୍ତ ଝରଣାର ପାଣି ସେହି ନଳକୂପ ଆଡ଼କୁ ସ୍ଥାନାନ୍ତରିତ ହୋଇଗଲା । ହାରାହାରି ୨୫ଟି ନଳକୂପରେ ବିଭକ୍ତ ହୋଇଯିବା ପରେ ବର୍ତମାନ ଏହି ଝରଣାଟି ଶୁଷ୍କ ହୋଇଯାଇଛି ଏହାପରେ ସେ ଆମମାନଙ୍କୁ ଏକ ନଳକୂପ ଆଡ଼କୁ ନେଇଗଲେ ଯେଉଁଠି ଆମେମାନେ ଏହା ଦେଖିବାକୁ ପାଇଲୁ ଯେ, ୪ ଇଂଚର ଏକ ପାଇପ ଲାଗିଛି ଏବଂ ବିନା କୌଣସି ମିଶନ୍ ସାହାଯ୍ୟରେ ତହିଁରୁ ଦ୍ରୁତ ବେଗରେ ଜଳ ବାହାରୁଛି ଏହିପରି ସମାନ ସ୍ଥିତି ଅନ୍ୟ ନଳକୂପ ସମ୍ପର୍କରେ ମଧ୍ୟ ଆମମାନଙ୍କୁ କୁହାଗଲା । ଏହା ନବୀ କରିମ୍ ସ:ଆ:ସଙ୍କର ଚମତ୍କାର ଓ ବର୍‌କତ୍ ଯାହା ଆଜି ତବୁକ୍‌ରେ ଏତେ ପ୍ରଚୁର ମାତ୍ରାରେ ଜଳ ରହିଛି । ତବୁକ୍ ଅଂଚଳରେ ଏଭଳି ମାତ୍ରାରେ ଜଳ ଭରି ରହିଛି । ମଦିନା ଓ ଖୈବର ଭୁମି ବ୍ୟତିତ ଆମେମାନେ ଅନ୍ୟ କୌଣସି ଠାରେ ଏତେ ପରିମାଣରେ ଜଳ ଦେଖିନାହୁଁ । ପ୍ରକୃତ ଘଟଣା ଏହା ଯେ, ତବୁକ୍‌ର ଜଳ ସେହି ଦୁଇ ସ୍ଥାନରୁ ମଧ୍ୟ ଅଧିକ । ଉକ୍ତ ଜଳରୁ ଉପକୃତ ହୋଇ ତବୁକ୍‌ର ପ୍ରତ୍ୟେକ ପାର୍ଶ୍ୱରେ ଉଦ୍ୟାନ ସୃଷ୍ଟି ହୋଇଯାଇଛି । ନବୀ କରିମ୍ ସ:ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ତବୁକ୍‌ର ଅଂଚଳ ଉଦ୍ୟାନ ଦ୍ୱାରା ପରିପୂର୍ଣ୍ଣ ଓ କ୍ରମାଗତ ଭାବରେ ପୂରିବାକୁ ଲାଗିଛି । ***(ଇଟ୍‌ଲସ୍ ସିରତେ ନବୱି ସ:ଆ:ସ, ପୃ-୪୩୧, ଦାରୁସ୍ ସଲାମ୍ ରିୟାଜ ୧୪୨୪ ହିଜ୍‌ରି)***

ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅଙ୍କ ସମ୍ପର୍କରେ ପରବର୍ତୀ ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ଚର୍ଚ୍ଚା ହେବ । ବର୍ତମାନ ମୁଁ କିଛି ନମାଜ ଯନାଜାଃ ଗାଏବର ଆଲୋଚନା କରିବି ସେଗୁଡ଼ିକର ଚର୍ଚ୍ଚା ଏଠାରେ କରୁଛି ।

ତନ୍ମଧ୍ୟରୁ ପ୍ରଥମ ଚର୍ଚ୍ଚା ହେଉଛି ମୌଲବୀ ଫର୍‌ଜାନ୍ ଅହେମଦ୍ ଖାନ୍ ସାହେବ୍ ଯିଏ ଓଡ଼ିଶାର ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାର ମୁବଲ୍ଲିଗ୍ ଇନ୍‌ଚାର୍ଜ ଥିଲେ, ସେ ମଧୁମେହ ରୋଗରେ ଆକ୍ରାନ୍ତ ଥିଲେ । ସେପ୍ଟେମ୍ବର ମାସ ୧୦ ତାରିଖ ଦିନ ହଠାତ୍‌ରେ ସେ ଟାଏଫଏଡ୍ ରୋଗରେ ଆକ୍ରାନ୍ତ ହେଲେ ଏବଂ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା ଏବଂ ସେଠାରେ ହିଁ ସେ ଅଲ୍ଲାଃ ତାଲାଙ୍କ ଲିଖିତ ବିଧାନ ଅନୁଯାୟୀ ଇହଧାମ ତ୍ୟାଗ କଲେ, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତ ଫର୍‌ଜାନ୍ ଅହେମଦ୍ ସାହେବ ମୁସି ଥିଲେ ତାଙ୍କ ପରିବାରରେ ତାଙ୍କ ପତ୍ନୀ ସକିନା ବେଗମ୍ ସାହିବାଙ୍କ ବ୍ୟତିତ ତାଙ୍କର ପୁତ୍ରୀ ଫରିହା ଓ ପୁତ୍ର ରିହାନ୍ ଅହେମଦ୍ ଅନ୍ତର୍ଭୁକ୍ତ ରହିଛନ୍ତି । ସେ ଯମାତ୍‌ର କାର୍ଯ୍ୟରେ ବେଶ୍ ଆଗକୁ ବଢ଼ି କାର୍ଯ୍ୟ କରୁଥିଲେ । ଧର୍ମ ପରାୟଣ ବ୍ୟକ୍ତି ଥିଲେ । ତାଙ୍କ ଅଧିନରେ ଥିବା ମୁବ୍‌ଲିଗ୍ ଓ ମୁଅଲ୍ଲିମ୍‌ମାନଙ୍କର ସେ ବେଶ୍ ଯତ୍ନ ନେଉଥିଲେ । ତାଙ୍କର ଆବଶ୍ୟକତା ଓ ଅସୁବିଧା ବୁଝୁଥିଲେ । ଅତ୍ୟନ୍ତ କୋମଳ ସ୍ୱଭାବ ଓ ଉତମ ଚରିତ୍ରବାନ, ଅତ୍ୟନ୍ତ ଗୁଣବାନ, ନୈଷ୍ଠିକ ଅହେମଦୀ ଥିଲେ । ୧୯୮୦ ମସିହାରେ ସେ ଯାମିୟା ଅହେମଦୀୟାରେ ଆଡ୍‌ମିଶନ ନେଇଥିଲେ । ୧୯୮୮ ମସିହାରେ ଯାମିୟାରୁ ଉତୀର୍ଣ୍ଣ ହୋଇ କର୍ମ ଭୁମିରେ ଯୋଗ ଦେଇଥିଲେ ସେ ଅତ୍ୟନ୍ତ ପରିଶ୍ରମି ଏବଂ ନିଷ୍ଠାର ସହିତ ନିଜର ଉତ୍ସର୍ଗୀକୃତ ଭାବନା ନେଇ ଦୀର୍ଘ ୩୨ ବର୍ଷ କାଳ ସେବା ସମ୍ପାଦନ କରିଥିଲେ । ଉକ୍ତ ଅବଧି ମଧ୍ୟରେ ଅନେକ ସ୍ଥାନରେ ବୟତ କରିଥିଲେ ଓ ଯମାତ୍ ସ୍ଥାପନ କରିଥିଲେ । ତାଙ୍କର ପତ୍ନୀ ସକିନା ବେଗମ୍ ସାହିବା କୁହନ୍ତି, ମୌଲବୀ ସାହେବ୍ କୁହନ୍ତି ଯେ ତାଙ୍କର ପ୍ରଥମ ନିଯୁକ୍ତି ହରିୟାନାରେ ହୋଇଥିଲା । କିନ୍ତୁ ରହିବାର କୌଣସି ନିର୍ଦ୍ଦିଷ୍ଟ ଠିକଣା ନଥିଲା । ସେ ଅଂଚଳରେ କୌଣସି ଅହେମଦୀ ନଥିଲେ । ସ୍ୱର୍ଗତ ଫର୍‌ଜାନ୍ ସାହେବ ବିଭିନ୍ନ ସ୍ଥାନରେ ଭ୍ରମଣ କରୁଥିଲେ ଏବଂ ତବ୍‌ଲିଗ୍ କରି ସେଂଟର ସ୍ଥାପନ କରିଥିଲେ । ଏହି ଅବଧି ମଧ୍ୟରେ ହରିୟାଣା ପ୍ରଦେଶର ଏକ ଗ୍ରାମରେ ପହଂଚି ସେଠାରେ ଲୋକମାନଙ୍କୁ ଯମାତ୍‌ର ବାର୍ତା ପହଂଚାଇଲେ ସେଠାରେ ଜଣେ ସ୍ଥାନିୟ ଲୋକ କହିଲେ ଆମର ମଇଁଷି କ୍ଷୀର ଦେଉନାହିଁ ଯଦି ଆପଣଙ୍କର ଯମାତ୍ ସତ୍ୟ ତେବେ ଆପେଣ କିଛି ଜଳକୁ ଫୁଙ୍କି ଦମ୍ କରି ମତେ ତାହାକୁ ଦିଅନ୍ତୁ ଯାହାକି ମୁଁ ନିଜ ମଇଁଷିକୁ ପିଆଇ ଦେବି ଯଦ୍ୱାରା ସେ କ୍ଷୀର ଦେବ । ଯଦି ଆପଣଙ୍କ ଦ୍ୱାରା ଏହି ଚମତ୍କାରଟି ହୋଇଗଲା ତେବେ ଆମେମାନେ ସମସ୍ତେ ସପରିବାର ବୟତ କରିନେବୁ ଅର୍ଥାତ ଯମାତ୍‌ରେ ଅର୍ନ୍ତଭୁକ୍ତ ହୋଇଯିବୁ । ସ୍ୱର୍ଗତଙ୍କ ସ୍ତ୍ରୀ ବର୍ଣ୍ଣନା କରନ୍ତି ଯେ ସେ ଯାହା ହେଉ ନା କାହିଁକି ମୌଲବୀ ସାହେବ୍ ସୁରେ ଫାତିହା, ଦରୁଦ୍ ସରିଫ ଓ ଅନ୍ୟାନ୍ୟ ଦୁଆ ପଢ଼ି ପାଣିକୁ ଫୁଙ୍କି ଦମ୍ କଲେ ଓ ସଂପୃକ୍ତ ବ୍ୟକ୍ତିକୁ ଦେଇଦେଲେ । ସେହି ବ୍ୟକ୍ତି ଜଣକ ପାଣି ନେଇ ଚାଲିଗଲା । ସ୍ୱର୍ଗତ ମୌଲବୀ ସାହେବ୍ ସାରା ରାତ୍ରି ବୃକ୍ଷ ତଳେ ଜାଗ୍ରତ ହୋଇ ସେଠାରେ ଦୁଆ କଲେ ଏବଂ ରାତ୍ରୀଯାପନ କଲେ । ଅଲ୍ଲାଃ ତାଲାଙ୍କ ନିକଟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଚମତ୍କାର ପ୍ରମାଣିତ କରିବାଲାଗି ଆକୁଳ ପ୍ରାର୍ଥନା କଲେ କି, ହେ ଅଲ୍ଲାଃ ଏହି ଚମତ୍କାର ପ୍ରକଟ କର ଯଦ୍ୱାରା ସ୍ଥାନିୟ ଲୋକମାନେ ଅହେମଦୀ ହେବେ ଏବଂ ଏଠାରେ ଯମାତ୍‌ର ସ୍ଥାପନ ହେବ । ସେ କୁହନ୍ତି ଯେ ସକାଳେ ହେବା କ୍ଷଣି ମୌଲବୀ ସାହେବ ଏହା ଦେଖିବାକୁ ପାଇଲେ ଯେ, ସେହି ବ୍ୟକ୍ତି ଜଣକ ଏକ ବାଲ୍‌ଟି ଧରି ଆସୁଛି ସେହି ବାଲ୍‌ଟିକୁ ଦେଖିବାବେଳେ ସେହି ବାଲ୍‌ଟି କ୍ଷୀରରେ ପରିପୁର୍ଣ୍ଣ ଥିଲା । ସେହି ବ୍ୟକ୍ତି କହିବାକୁ ଲାଗିଲା ଯେ, ମୌଲବୀ ସାହେବ ଆପଣଙ୍କ ଦୁଆ ର ଏହା ପ୍ରତିଫଳ ଯେ ମୋ ମଇଁଷି ଆଜି କ୍ଷୀର ଦେଇଛି ଏବଂ ଆନନ୍ଦରେ ସେ ଉତ୍‌ଫୁଲ୍ଲିତ ହୋଇଉଠୁଥିଲେ ଏବଂ କହିଲେ ଯେ ମୋ ପରିବାର ଏବେ ବୁଝିଯାଇଛନ୍ତି ଯେ ଯମାତ୍ ଅହେମଦୀୟା ସଚ୍ଚା ତେଣୁ ମୁଁ ଆଜି ମୋ ପରିବାରବର୍ଗଙ୍କ ସହ ଅହେମଦୀୟତ ଯମାତ୍‌ରେ ସାମିଲ ହେଉଛି ।

ସ୍ୱର୍ଗତ ମୌଲବୀ ସାହେବଙ୍କର ପୁତ୍ର ରିହାନ୍ ସାହେବ କୁହନ୍ତି ଯେ ମୋ ପିତାଙ୍କଠରେ ବିନିତ ଓ ବିନମ୍ରତା ଗୁଣ ବହୁଳ ଭାବରେ ପରିଲକ୍ଷିତ ହେଉଥିଲା । ସେ ଅତ୍ୟନ୍ତ କୋମଳ ହୃଦୟର ବ୍ୟକ୍ତି ଥିଲେ, ପ୍ରତ୍ୟେକ ବ୍ୟକ୍ତି ସହିତ ପ୍ରେମପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଓ ଯମାତ୍‌ର ସେବାପାଇଁ ନିଜର ଜୀବନକୁ ଅତିବାହିତ କରିଥିଲେ । ଉପସ୍ଥିତ ଖଲିଫାଙ୍କ ସହ ଘନିଷ୍ଠ ସମ୍ପର୍କ ରହିଥିଲା । ପ୍ରତ୍ୟେକ ଅଦେଶ ଓ ନିର୍ଦ୍ଦେଶାବଳୀ ଉପରେ ସେ ଲବେକ୍ କହୁଥିଲେ ଏବଂ ଆମମାନଙ୍କୁ ମଧ୍ୟ ତାଗିଦ୍ କରୁଥିଲେ ଯେ ହଜୁରଙ୍କ ଆଦେଶବଳୀ ଉପରେ ପରିଚାଳିତ ହୁଅ । ଆମମାନଙ୍କ ସହିତ ମଧ୍ୟ ଦୟା ଓ ପ୍ରେମପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ଯମାତ୍‌ର କାର୍ଯ୍ୟ କରିବା ସହିତ ଘରର କାମରେ ମଧ୍ୟ ଅଂଶ ଗ୍ରହଣ କରୁଥିଲେ, ମାଆଙ୍କୁ ସାହାଯ୍ୟ କରୁଥିଲେ । ସମଗ୍ର ଜୀବନ ସେ ନିଜ ନମାଜ୍‌ର ସୁରକ୍ଷା କରିଛନ୍ତି ଏବଂ ଆମମାନଙ୍କୁ ମଧ୍ୟ ନମାଜ ସୁରକ୍ଷା ପ୍ରତି ଧ୍ୟାନ ଆକର୍ଷିତ କରୁଥିଲେ । ସେ ସର୍ବଦା ସଳଖମାର୍ଗ ଉପରେ ପରିଚାଳିତ ହେଉଥିଲେ ତାଙ୍କ ସହିତ କାର୍ଯ୍ୟ କରୁଥିବା ଯେତେ ମୁଅଲ୍ଲିମ୍ ଓ ମୁବଲ୍ଲିଗ୍ ଅଛନ୍ତି ସେମାନେ ସମସ୍ତେ ଏହା ହିଁ ଉଲ୍ଲେଖ କରିଛନ୍ତି ଯେ ଜଣେ ଆଦର୍ଶ ମୁବଲ୍ଲିଗ୍ ଥିଲେ, ସହାନୁଭୁତି ପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ ଆମେମାନେ ତାଙ୍କୁ କେବେ ହେଲେ କ୍ରୋଧିତ ହେବାର ଦେଖିନାହୁଁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଅବୁଦ୍ଦୁଲ୍ଲାଃ ମୁଲ୍‌ସିକ ସାହେବଙ୍କର ଯିଏ ମାଲେସିଆର ଆଂଚଳିକ ମୁବ୍‌ଲ୍ଲିଗ୍ ଥିଲେ ଅକ୍ଟୋବର ମାସ ୭ ତାରିଖ ଦିନ ସେ ଚେତାଶୂନ୍ୟ ହୋଇଥିଲେ । ତାଙ୍କୁ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା କିନ୍ତୁ ସେ ଆରୋଗ୍ୟ ଲାଭ କରିପାରିନଥିଲେ ଏବଂ ସେହି ରାତ୍ରିରେ ହିଁ ତାଙ୍କର ଦେହାନ୍ତ ହୋଇଥିଲା, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ମୃତ୍ୟୁ ବେଳେ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ମୁସି ଥିଲେ । ମୃତକଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଓ ଆଠଜଣ ସନ୍ତାନ ରହିଛନ୍ତି । ସେ ମାଲେସିଆର ଦୁଇଜଣ ମୁବଲ୍ଲିଗ୍ ସଲାଉଦ୍ଦିନ୍ ସାହେବ ଏବଂ ମସ୍‌ରୁର୍

ଅହେମଦ୍ ସାହେବଙ୍କର ଶଶୁର ଥିଲେ । ଅବ୍‌ଦୁଲ୍ଲା ମୁଲ୍‌ସିକୁ ସାହେବ ଫିଲିପାଇନ୍‌ସଠାରେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବାପରେ ମୁସଲିମ୍ ସଂଘଠନ "ମୋରୁ ନ୍ୟାସ୍‌ନାଲ୍ ଲିବେରାଲ୍ ଫ୍ରଂଟ"ରେ ସାମିଲ ହୋଇଥିଲେ । ଉକ୍ତ ସଂଘଠନଟି ସରକାର ବିରୋଧ ସଂଘଠନ ଅଟେ, ଯାହାର ଉଦ୍ଦେଶ୍ୟ ଫିଲିପାଇନ୍‌ରେ ଇସ୍‌ଲାମିୟ ରାଷ୍ଟ୍ର ଗଠନ କରିବାଥିଲା । ୧୯୭୩ ମସିହାରେ ତାଙ୍କର ଅଭିଭାବକ ଫିଲିପାଇନ୍‌ରୁ ହିଜ୍‌ରତ୍ କରି ମାଲେସିଆକୁ ଆସିଯାଇଥିଲେ ଏବଂ ସନ୍ଦାକାନ୍ ସବାଠାରେ ଅବସ୍ଥାପିତ ହୋଇଥିଲେ । ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ତାଙ୍କୁ ପୂଣ୍ୟ ହୃଦୟ ପ୍ରଦାନ କରିଥିଲେ । ସେ ନିଜର ସ୍ୱପ୍ନରେ ଅନେକଥର ହଜ୍‌ରତ୍ ମସିହ୍ ମଉଦ୍ ଆ:ସ, ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ଓ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ର:ଅଙ୍କୁ ଦର୍ଶନ କରିଛନ୍ତି । ଅଲ୍ଲାଃ ତାଲାଙ୍କ ଇଚ୍ଛା ଅନୁଯାୟୀ ୧୯୭୩ ମସିହାରେ ତାକିନାବାଲୋର ଜଲ୍‌ସା ସାଲାନାରେ ଅଂଶଗ୍ରହଣ କରିବାକୁ ତାଙ୍କୁ ସୁଯୋଗ ପ୍ରାପ୍ତ ହୋଇଥିଲା ଏବଂ ସେଠାରେ ଜଲ୍‌ସା ସାଲାନାର ଆଧାତ୍ମିକତା ପରିବେଶକୁ ପରିଲିକ୍ଷିତ କରି ତାଙ୍କ ବିଶ୍ୱାସରେ ଅଭିବୃଦ୍ଧି ହୋଇଥିଲା ଓ ପରିଶେଷରେ ସେ ବୟତ କରିନେଇଥିଲେ । ସନାଦକିନ୍‌ଠରେ ସେ ଯେଉଁ ସ୍ଥାନରେ ରହୁଥିଲେ ସେଠାରେ କୌଣସି ମୁବଲ୍ଲିଗ୍ ରହୁନଥିଲେ ଏବଂ ଜଣେ ତୃଷାର୍ତ ଆତ୍ମା ପରି ସେ ଥିଲେ । ସୁତରାଂ ସେ ଉକ୍ତ ତୃଷ୍ଣାକୁ ମେଂଟାଇବା ପାଇଁ ସେ ଯମାତ୍‌ର ପୁସ୍ତକଗୁଡ଼ିକର ଅଧ୍ୟୟନ କରିଥିଲେ ତାଙ୍କୁ ତବ୍‌ଲିଗ୍‌ର ବହୁତ ରୁଚି ରହିଥିଲା । ନିଜର ଏହି ରୁଚିକୁ ବାସ୍ତବରେ ସେ ସାକାର କରିଥିଲେ । ସେ ନିଜ ସାଙ୍ଗସାଥି ବନ୍ଧୁପରିଜନମାନଙ୍କୁ ଏବଂ ନିଜର ସ୍ଥାନିୟ ଅଂଚଳରେ ଖୁବ୍ ତବ୍‌ଲିଗ୍ ମଧ୍ୟ କରିଥିଲେ । ପରିଣାମ ସ୍ୱରୂପ ତାଙ୍କ ଦ୍ୱାରା ଅନେକ ଲୋକ ଅହେମଦୀୟତରେ ସାମିଲ ହୋଇଥିଲେ ଏବଂ ଇସ୍‌ଲାମ୍ ଧର୍ମରେ ଦିକ୍ଷିତ ହୋଇଥିଲେ । ନିଜର ଏହିପରି ତବ୍‌ଲିଗ୍‌ର ରୁଚିକୁ ଚରିତାର୍ଥ କରିବାକୁ ଯାଇ ସେ ନିଜକୁ ଉତ୍ସର୍ଗ ମଧ୍ୟ କରିଦେଇଥିଲେ ଏବଂ ମୁବଲ୍ଲିଗ୍ ଭାବରେ ସେ ନିଯୁକ୍ତ ହୋଇଥିଲେ, ଏହିପରି ଭାବରେ ତାଙ୍କୁ ଫିଲିପାଇନ୍‌ରେ କିଛି ବର୍ଷ ଖୈରୁଦ୍ଦିନ୍ ବାରୁସ୍ ସାହେବଙ୍କ ସହିତ କାମ କରିବାକୁ ସୁଯୋଗ ଲାଭ ହୋଇଥିଲା ଏବଂ ସେ ଯାହା ହେଉ ନା କାହିଁକି ନିଜର ପୂଣ୍ୟ ସ୍ୱଭାବ ଯୋଗୁଁ ସେ ଶିକ୍ଷା ଆହାରଣ କରିବାର ଅଭିଳାଷୀ ଥିଲେ । ଅତ୍ୟନ୍ତ ବିନିତ ତଥା ବିନମ୍ରତା ତଥା ଅଲ୍ଲାଃ ତାଲାଙ୍କ ଭୟ ଯୋଗୁଁ ସେ ସେଠାରେ ବହୁତ କାର୍ଯ୍ୟ କରିଥିଲେ । ଖ୍ରୀଷ୍ଟିୟାନମାନଙ୍କ ସହିତ ବିତର୍କ କରୁଥିଲେ । ସେ ଅନେକ ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ କରିଥିଲେ । ସେ ଉର୍ଦ୍ଦୁ ଭାଷା କହିପାରୁନଥିଲେ କିନ୍ତୁ ଶିଖିବା ପ୍ରତି ବହୁତ ଆଗ୍ରହ ଥିଲା । ସେ ଅନେକ ହୱାଲା, ନଜମ୍ ସ୍ମରଣ ରଖିଥିଲେ । ସେ ଅତିଥି ପ୍ରୀୟ ତଥା ଅତିଥିସତ୍କାରୀ ବ୍ୟକ୍ତି ଥିଲେ । ଜୁମ୍ମା ନମାଜ ପାଠ କରିବା ପାଇଁ ଆସୁଥିବା ଲୋକମାନଙ୍କର ସେବା ସତ୍କାର କରୁଥିଲେ, ସେ ଶୃଙ୍ଖଳିତ ବ୍ୟକ୍ତି ଥିଲେ । ସର୍ବଦା ଏହା ଚାହୁଁଥିଲେ ଯେ ପ୍ରତ୍ୟେକ ମନୁଷ୍ୟ ଶୃଙ୍ଖଳିତ ଜୀବନ ଯାପନ କରୁ ତେଣୁ ସେ ଲୋକମାନଙ୍କର ତରବିୟତ୍ କରୁଥିଲେ । କିଛିବର୍ଷ ଧରି ତାଙ୍କୁ ଚଲାବୁଲାରେ ସମସ୍ୟା ହୋଇଥିଲା ଏହା ସତ୍ତ୍ୱେ ବି କେବେ ବି ସେ ନିଜର ଏହି ସମସ୍ୟାକୁ କର୍ମ କ୍ଷେତ୍ରରେ ବିଘ୍ନ ହେବାକୁ ଦେଇନଥିଲେ । ଅଲ୍ଲାଃ ତାଲା ତାଙ୍କର ବୈକୁଣ୍ଠରେ ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସହ କ୍ଷମା ଆଚରଣ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି କାଦିଆନ୍‌ର ସମ୍ମାନନୀୟ ସ୍ୱର୍ଗତ ଅବଦୁଲ୍ ୱାହିଦ୍ ସାହେବ୍ ମୁଅଲ୍ଲିମ୍ ସିଲ୍‌ସିଲା । ତାଙ୍କର ଗତ ମାସ ୨୨ ତାରିଖ ଦିନ ୫୬ ବର୍ଷ ବୟସରେ ଅକାଳ ବିୟୋଗ ହୋଇଛି, *ଇନ୍ନା ଲିଲ୍ଲାହେ ଓ ଇନ୍ନା ଇଲୈହେ ରାଜେଉନ* । ସେ ଖ୍ରୀଷ୍ଟବଂଶିୟ ବ୍ୟକ୍ତି ଥିଲେ । ତାଙ୍କ ବଂଶରେ ତାଙ୍କ ଜୈଷ୍ଠଭ୍ରାତା ଯିଏକି ଅବସରପ୍ରାପ୍ତ ମୁଅଲ୍ଲିମ୍ ସିଲ୍‌ସିଲା ଥିଲେ । ତାଙ୍କରି ମାଧ୍ୟମରେ ହିଁ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଏହାପରେ ତାଙ୍କର ସମସ୍ତ ବଂଶଧର ବୟତ କରିନେଇଥିଲେ । ଅହେମଦୀୟତ ଗ୍ରହଣ କରିବାରେ ସ୍ୱର୍ଗତ ୱାହିଦ୍ ସାହେବ ଯାମିଆତୁଲ୍ ମୁବଶରିନ୍‌ରେ ତିନିବର୍ଷର ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରି କର୍ମକ୍ଷେତ୍ରରେ ଯୋଗ ଦେଇଥିଲେ । ସେଠାରୁ ଶିକ୍ଷା ସମାପ୍ତ ପରେ ବିଭିନ୍ନ ଅଂଚଳରେ ତବ୍‌ଲିଗ୍ କରିବାରେ ନିୟୋଜିତ ହୋଇଥିଲେ । କାଦିଆନ୍‌ର ବିଭିନ୍ନ ଅଂଚଳରେ ମଧ୍ୟ ଶିକ୍ଷା ଓ ସଂସ୍କାର ଆଦି ସମ୍ପାଦନ କରିଥିଲେ ଓ ନିଜ ଦାୟିତ୍ୱକୁ ନିର୍ବାହ କରିଥିଲେ ସେ ଅତ୍ୟନ୍ତ ଆଜ୍ଞାବହତା ତଥା ଅତ୍ୟନ୍ତ ପରିଶ୍ରମ ସହିତ କାର୍ଯ୍ୟ କରୁଥିଲେ । ତାଙ୍କୁ ତବ୍‌ଲିଗ୍ କରିବାର ଭଲ କୌଶଳ ଜଣା ଥିଲା । ତାଙ୍କରି ମାଧ୍ୟମରେ କାଦିଆନ୍‌ର ତିନିଜଣ ଖ୍ରୀଷ୍ଟିୟ ବ୍ୟକ୍ତି ଓ ତିନୋଟି ଅଣଅହେମଦୀୟ ବଂଶ ଯମାତ୍ ଅହେମଦୀୟାରେ ସାମିଲ ହୋଇଥିଲେ ଏବଂ ଅଲ୍ଲାଃ ତାଲାଙ୍କ କୃପାରୁ ତନ୍ମଧ୍ୟରୁ ଦୁଇଜଣ ବ୍ୟକ୍ତି ୱସିୟତରେ ସାମିଲ ହୋଇଥିଲେ । ମୃତକଙ୍କ ପରିବାରରେ ତାଙ୍କର ପତ୍ନୀଙ୍କ ବ୍ୟତିତ ଜଣେ ପୁତ୍ର ଏବଂ ଦୁଇଜଣ ପୁତ୍ରୀ ରହିଛନ୍ତି ଏବଂ ତାଙ୍କର ପୁତ୍ର ଚଳିତ ବର୍ଷ ଯାମିୟା ଅହେମଦୀୟାରୁ ଶିକ୍ଷା ସମାପ୍ତ କରି ମୁବଲ୍ଲିଗ୍ ଭାବରେ କର୍ମକ୍ଷେତ୍ରରେ ଯୋଗ ଦେଇଛନ୍ତି । ଅଲ୍ଲାଃ ତାଲା ବୈକୁଣ୍ଠରେ ଉପରୋକ୍ତ ସମସ୍ତ ମୃତକଙ୍କର ସ୍ତରକୁ ଉନ୍ନିତ କରି ସେମାନଙ୍କ ପ୍ରତି ସଦୟ ହୁଅନ୍ତୁ । ସେହି ସମସ୍ତ ମୃତକଙ୍କ ସନ୍ତାନସନ୍ତତିକୁ ମଧ୍ୟ ସେମାନଙ୍କର ପୂଣ୍ୟବଳୀକୁ ବଜାୟ ରଖିବାକୁ ସାମର୍ଥ ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ଯେଉଁ ଅଭିଳାଷ ଥିଲା କି କେଉଁଭଳି ତାଙ୍କର ସନ୍ତାନମାନେ ସଂସ୍କାରି ହେବେ ଅଲ୍ଲାଃ ତାଲା ସେମାନଙ୍କୁ ସଂସ୍କାରି କରନ୍ତୁ । ସେମାନଙ୍କର ୱକ୍‌ଫକୁ ସ୍ୱୀକାର କରନ୍ତୁ ଓ ଖିଲାଫତ ପ୍ରତି ଭୃପତି ହେବାପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ଉପରୋକ୍ତ ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ । ଆମିନ୍.....

ଯେପରି କି ମୁଁ କହିଲି ନମାଜ ଜୁମ୍ମା ପରେ ଇନ୍‌ଶାଅଲ୍ଲାଃ ତାଲା ଏମାନଙ୍କର ନମାଜ ଯନାଜାଃ ଗାଏବ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ସାହିବା ବତାଇଲେ ଯେ, ମୁଁ ହେଉଛି ଜଣେ ପ୍ରୋଟେଷ୍ଟାଂଟ ଆମ ଚର୍ଚ୍ଚ ଅନ୍ତର୍ଗତ ଅଧା ମିଲିୟନ ଲୋକ ଅଛନ୍ତି । ଏବେ ଲୋକମାନେ ଧର୍ମରୁ ଦୁରେଇ ଯାଉଛନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆଜିକାଲିର ଦୁନିଆରେ ଲୋକମାନେ ଧର୍ମର ପରବାୟ କରୁନାହାନ୍ତି ତେଣୁ ଇଂଟରଫେଥ୍ ଡ଼ାଇଲଗ୍‌ର ଆବଶ୍ୟକ ଅଛି । ଏଥିରେ ନାସ୍ତିକମାନଙ୍କୁ ମଧ୍ୟ ଆମନ୍ତ୍ରଣ କରିବା ଉଚିତ ହିଁ ସେଥିରେ ଧର୍ମ ବିରୋଧରେ କହିବା ପରିବର୍ତ୍ତେ ନିଜ ଧର୍ମର ସୁଗୁଣକୁ ବର୍ଣ୍ଣନା କରନ୍ତୁ ଓ ଏକଥା ସେଥିରେ ବତାଯାଉ ଯେ ସମସ୍ତଙ୍କୁ ଏ ସମାଜରେ ମିଳିମିଶି ରହିବା ଉଚିତ କାରଣ ଆମେ ସମସ୍ତେ ଗୋଟିଏ ପରିବେଶରେ ହିଁ ଜୀବନଯାପନ କରୁଅଛେ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ବର୍ତ୍ତମାନ ସମୟର ଏ ଆବଶ୍ୟକତା ଯେ, ଲୋକମାନଙ୍କୁ ଈଶ୍ୱରଙ୍କର ପରିଚୟ କରାଯାଉ । ଆ ଉପରେ ବହୁତ ଜୋର୍ ଦିଅନ୍ତୁ । ମୁଳକଥା ହେଉଛି ଏହା ଯେ, ପ୍ରତ୍ୟେକ ଲୋକଙ୍କୁ ଏକଥା ଅନୁଭବ ହେଉ ଯେ, ଜଣେ ଭଗବାନ ଅଛନ୍ତି, ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ନିଜର ଧର୍ମ ରହିଛି କିନ୍ତୁ ଏକ ଈଶ୍ୱରଙ୍କୁ ଚିହ୍ନିବା ହେଉଛି ସବୁଠାରୁ ବୁନିୟାଦି କଥା ।

Valerie Thorin Sb ବତାଇଲେ ଯେ, ଆମେ, ଗୋଟିଏ ରେଡ଼ିଓ ପ୍ରୋଗ୍ରାମ ପ୍ରତି ଦୁଇ ସପ୍ତାହ ପରେ ରବିବାର ଦିନ କରିଥାଉ । ଏହି ପ୍ରୋଗ୍ରାମକୁ ଚାରିଲକ୍ଷ ଲୋକ ଶୁଣୁଛନ୍ତି ଏହି ପ୍ରୋଗ୍ରାମଟି ଧର୍ମ ସମ୍ବନ୍ଧରେ ହୋଇଥାଏ । ଜଣେ ଇସାଇ, ଜଣେ ଇହୁଦୀ ଏବଂ ଜଣେ ଅହେମଦୀଙ୍କୁ ଇସ୍‌ଲାମ୍‌ର ପ୍ରତିନିଧି ରୂପେ ରଖିଛୁ । ତାଙ୍କର ନାମ ହେଉଛି, Said Adiwei ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଇସ୍‌ଲାମ୍ ଏବଂ ମୁସଲମାନମାନଙ୍କ ସମ୍ବନ୍ଧରେ ଲୋକମାନଙ୍କର କଣ ଚିନ୍ତାଧାରା ରହିଛି ?

ସେ ମହାଶୟା ଉତର ଦେଲେ ଯେ, ଏବେବି ଲୋକମାନଙ୍କୁ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ସମ୍ବନ୍ଧରେ କିଛି ଜ୍ଞାନ ନାହିଁ । ଯେବେଠାରୁ ଜଣେ ଅହେମଦୀଙ୍କୁ ଏ ପ୍ରୋଗ୍ରାମରେ ରଖିଲୁଣି ଆମ ଶ୍ରୋତାମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ଲୋକମାନେ ପ୍ରକୃତ ଇସ୍‌ଲାମ୍ ସମ୍ବନ୍ଧରେ ଜାଣୁଛନ୍ତି । ଯେଉଁ ଫିଡ୍‌ବ୍ୟାକ୍ ମିଳୁଛି ତାହା ସକରାତ୍ମକ ଅଟେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୁଳକଥା ହେଉଛି ଏହା କି, ଇସ୍‌ଲାମ୍‌ର ଅର୍ଥ ହେଉଛି ଶାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆସିବାବେଳେ ବହୁତ ଟ୍ରାଫିକ୍ ଥିଲା ସବୁଠାରୁ ବଡ଼ ଟ୍ରାଫିକ ଯାହା ମୁଁ ଅବଲୋକନ କରିଛି ତାହା ଲେବୋସ୍ ନାଇଜେରିଆ ଦେଶରେ ଥିଲା । ତାହାର ବିଶେଷ ନାମ ହେଉଛି Go Slow । ସେଠାରେ କୌଣସି ଟ୍ରାଫିକ କାନୁନ୍‌କୁ ମାନନ୍ତି ନାହିଁ । ସେ ମହାଶୟା କହିଲେ ଯେ, ସେ ମଧ୍ୟ ନାଇଜେରିଆ ଦେଶରେ କିଛି ଦିନ ରହିଛନ୍ତି । ଆପଣ ବିଲ୍‌କୁଲ୍ ଠିକ୍ କହୁଛନ୍ତି ।

ଶେଷରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ଘାନା ଦେଶରେ ଆଠବର୍ଷ ରହିଛି ଆଫ୍ରିକାକୁ ମୁଁ ଭଲଭାବରେ ଜାଣିଛି । ଆଫ୍ରିକୀୟମାନଙ୍କ ମଧ୍ୟରେ ଘାନା ଦେଶର ଲୋକମାନେ ସବୁଠାରୁ ଅଧିକା ବିନୟୀ ଏବଂ ଡ଼ିସିପ୍ଲିନ୍ ରଖିଥାନ୍ତି ।

**୮ ଅକ୍ଟୋବର ୨୦୧୯ (ମଙ୍ଗଳବାର)ର ରିପୋର୍ଟର ବଳକାଅଂଶ**

**UNESCO** ତରଫରୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ମାନରେ ଗୋଟିଏ ସଭାର ଆୟୋଜନ

ଠିକ୍ ୫:୫୫ ମିନିଟରେ ହୋଟେଲ୍‌ରୁ UNESCO ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଠିକ୍ ୬:୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ UNESCO ରେ ପହଂଚିଲେ ।

UNESCO ର ବାହାର ଦରଜାଠାରେ Hon'ble Dr. Oymar Keta ସାହେବ ଯିଏ UNESCO ରେ ମାଲି ଦେଶର ଆମ୍ବାସେଡ଼ର ଅଛନ୍ତି, ସେ ମହାଶୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଓ ହଜୁର ଅନଓ୍ୱର ଅ:ବ:ଅଙ୍କୁ ନିଜ ସାଥିରେ ଧରି ଅଟ୍ଟାଳିକା ଭିତରେ ଥିବା ସେହି ହଲ୍ ଭିତରକୁ ନେଇଗଲେ ଯେଉଁଠି ସଭାର ଆୟୋଜନ କରାଯାଇଥିଲା ।

**ଏହି ସଭାରେ ସାମିଲ ହୋଇଥିବା କିଛି ଅତିଥିମାନଙ୍କର ସଂକ୍ଷିପ୍ତ ଅଭିଭାଷଣ**

ଆଜିର ଏହି ସଭାରେ ୯୧ ଜଣ ଅତିଥି ସାମିଲ ହୋଇଥିଲେ । ସେମାନଙ୍କ ମଧ୍ୟରେ ମାଲି ଦେଶର ଆମ୍ବାସେଡ଼ର୍ Dr. Oymar Keta ସାହେବଙ୍କ ବ୍ୟତିତ

| |
|---|
| Mr. Jean Christophe Auger<br>ବୈଦେଶିକ ମନ୍ତ୍ରାଳୟ ଫ୍ରାନ୍ସରେ ଧର୍ମୀୟ ପରାମର୍ଶଦାତା |
| Mr. Clement Rouchouse<br>ଗୃହ ମନ୍ତ୍ରାଳୟ ଫ୍ରାନ୍ସର ଧର୍ମୀୟ ବିଭାଗର ଡ଼ାଇରେକ୍ଟର |
| Mr. Gregoire Duelineau<br>Eaubonne ଇଲାକାର ମେୟର |
| Mr. Willy Breton<br>President of NATO Memorial |
| Mr. Olivier de Lagarade<br>CEO of Multiple Business School |
| Mr. Aboubakar Dolo<br>ଫ୍ରାନ୍ସରେ ଥିବା ମାଲି ଦେଶର ଆମ୍ବାସଡ଼ରଙ୍କର ପ୍ରଥମ ଉପଦେଷ୍ଟା |
| Mr. Ludovic Mendes<br>Member of French Parliament |

**Mr.Patrick Vandangeon**
**Councilor of Les Mureaux Town**

ଏବଂ ବିଭିନ୍ନ ସରକାରି କାର୍ଯ୍ୟାଳୟର ସଦସ୍ୟବୃନ୍ଦ, ଡ଼ାଇରେକ୍ଟରମାନେ, ଜର୍ନାଲିଷ୍ଟ ଏବଂ ବିଭିନ୍ନ ବିଭାଗ ସହିତ ସମ୍ପର୍କ ରଖିଥିବା ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସାମିଲ ଥିଲେ । ପ୍ରୋଗ୍ରାମ ମୁତାବକ ଠିକ୍ ୬:୧୦ ମିନିଟରେ ସଭା ଆରମ୍ଭ ହେଲା ।

ସର୍ବ ପ୍ରଥମେ UNESCO ରେ ମୃତୟନ ମାଲି ଦେଶର ଆମ୍ବାସେଡ଼ର୍ Dr. Oymar Keta ସାହେବ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ: ଏହି ସଭାରେ ସାମିଲ ହେବା ମୋ ପାଇଁ ଅତ୍ୟନ୍ତ ଗୌରବର କଥା । ୨୦୧୨ ମସିହାରୁ ମୋ ଦେଶ ମାଲି ସନ୍ତ୍ରାସବାଦଙ୍କ ଆକ୍ରମଣ କବଳରେ ରହିଛି । ସେମାନେ ତାଙ୍କର ସଂକୀର୍ଣ୍ଣ ଦୃଷ୍ଟିକୋଣ ଯୋଗୁଁ ଆମ କୌମ ଉପରେ ଲାଗୁ କରିବାକୁ ଚାହୁଁଛନ୍ତି କିନ୍ତୁ ଏହା ଆମ ଜାତିୟ ସମ୍ମାନର ବିରୋଧ ଅଟେ । ଆମେ ତ ଭାଇଚାରାକୁ ହିଁ ପସନ୍ଦ କରିଥାଉ ଏବଂ ନିୟମାବଳୀ ଅନୁସରେ ଆମ ଦେଶ ହେଉଛି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ।

ଯମାତ୍ ଅହେମଦୀୟା ୧୯୮୭ ମସିହାରୁ ମାଲିରେ ବିଦ୍ୟମାନ ଓ ସେ ଆମ ସମାଜର ଉନ୍ନତି ନିମନ୍ତେ ସକରାତ୍ମକ ଭୁମିକା ନିର୍ବାହ କରି ଆସୁଛି । ଆମ ଦେଶରେ ଯମାତ୍ ଅହେମଦୀୟା ସ୍କୁଲ ଏବଂ ଡ଼ାକ୍ତରଖାନା ଖୋଲୁଥିବାରୁ ଆମେ ଯମାତ୍ ଅହେମଦୀୟାର କୃତଜ୍ଞ । ତତ୍‌ସହିତ ସେ ନଳକୂପର ବ୍ୟବସ୍ଥା କରୁଛନ୍ତି ଏବଂ ହ୍ୟୁମାନିଟି ଫାଷ୍ଟ ଜରିଆରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି ।

ଯମାତ୍ ଅହେମଦୀୟା ତା'ର ୧୭ଟି ରେଡ଼ିଓ ଷ୍ଟେସନ, ୬ଟି ବଡ଼ ବଡ଼ ମସ୍‌ଜିଦ୍ ଏବଂ ସ୍କୁଲ୍‌ଗୁଡ଼ିକ ନିର୍ମାଣ କରି ଆମ ଜାତିର ଜ୍ଞାନ ବୃଦ୍ଧି କରୁଅଛି । ମୁଁ ଯମାତ୍ ଅହେମଦୀୟାକୁ ସେହି ସମସ୍ତ କାର୍ଯ୍ୟ ଜାରି ରଖିବାପାଇଁ ନିବେଦନ କରୁଅଛି ।

ମୁଁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କୁ ଧନ୍ୟବାଦ ଜଣାଉଛି ଯେ, ସେ ଏ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଅନବରତ ଚେଷ୍ଟିତ । ଆମେ ଯମାତ୍ ଅହେମଦୀୟାର ଏହିଭଳି କାମ ପାଇଁ ସୁଭେଚ୍ଛା ଜଣାଉଛୁ । ଆମେ ଏକଥା ଜାଣିଛୁ ଯେ, ଯମାତ୍ ଅହେମଦୀୟାର ଇମାମ୍ ଘାନା ଦେଶରେ ରହିଛନ୍ତି ଏବଂ ସେଠିକାର କୃଷି ବ୍ୟବସ୍ଥାର ବିକାଶ ନିମନ୍ତେ ସଫଳ ପରୀକ୍ଷଣ କରିଛନ୍ତି । ଆମେ ଆପଣଙ୍କୁ ମାଲି ଦେଶକୁ ଆସିବାପାଇଁ ନିମନ୍ତ୍ରଣ କରୁଅଛୁ । ଏହା ଆମ ଦେଶ ପାଇଁ ବହୁତ ସମ୍ମାନର ବିଷୟ ହେବ । ଆମେ ଆପଣଙ୍କ ମୂଲ୍ୟବାନ ଉପଦେଶର ଅପେକ୍ଷାରେ ଅଛୁ ।

ତାଙ୍କ ପରେ ମୁକରମ୍ ଆସିଫ୍ ଆରିଫ୍ ସାହେବ ନ୍ୟାସନାଲ୍ ସେକ୍ରେଟାରୀ ଉମୁରେ ଖାରିଜା ଫ୍ରାନ୍ସ ନିଜର ଅଭିଭାଷଣ ଉପସ୍ଥାପନ କରି ଯମାତ୍ ଅହେମଦୀୟାର ପରିଚୟ ପ୍ରଦାନ କଲେ ଏବଂ ଅତିଥିମାନଙ୍କୁ ସ୍ୱାଗତ ଜଣାଇଲେ ।

ତା'ପରେ ଫ୍ରାନ୍ସ ଗୃହ ମନ୍ତ୍ରଣାଳୟର ଧର୍ମୀୟ ବିଭାଗର ଜଣେ ଡ଼ାଇରେକ୍ଟର Clement Rouchouse ସାହେବ ନିଜର ବକ୍ତବ୍ୟ ରଖି କହିଲେ: "ମୁଁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କୁ ଫ୍ରାନ୍ସରେ ସ୍ୱାଗତ ଜଣାଉଛି । ଆମ ଦେଶ ଫ୍ରାନ୍ସ ପ୍ରତ୍ୟେକ ଧର୍ମ ସମ୍ପ୍ରଦାୟକୁ ସ୍ୱାଗତ କରିଥାଏ । ଫ୍ରାନ୍ସର କାନୁନ ମୁତାବକ ସରକାର ଧର୍ମୀୟ ବିଷୟ ବସ୍ତୁ ଉପରେ ହସ୍ତକ୍ଷେପ କରେନାହିଁ । ଇସ୍‌ଲାମ୍ ସହିତ ଫ୍ରାନ୍ସର ବହୁତ ପୁରୁଣା ସମ୍ବନ୍ଧ ରହିଛି । ଫ୍ରାନ୍ସରେ ବହୁତ ମୁସଲମାନ ଅଛନ୍ତି । ୧୯୨୪ ମସିହାଠାରୁ ଯମାତ୍ ଅହେମଦୀୟା ଏଠାରେ ରହିଛି । ଆପଣଙ୍କ ଶାନ୍ତିପୂର୍ଣ୍ଣ ଶିକ୍ଷାର ଆମକୁ ବହୁତ ଆବଶ୍ୟକ ଅଛି । ଯଦ୍ୱାରା ଇସ୍‌ଲାମ୍ ଆମ ରାଷ୍ଟ୍ରରେ ନିଜର ସ୍ଥାନ ସୃଷ୍ଟି କରିପାରିବ । ଯମାତ୍ ଅହେମଦୀୟା ଫ୍ରାନ୍ସର ବିଭିନ୍ନ ସହରରେ ଉନ୍ନତି ମୂଳକ ଜନସେବା କାର୍ଯ୍ୟ କରୁଅଛି । ଶାନ୍ତି, ଭାଇଚାରା, ଧର୍ମ ଧର୍ମ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାପାଇଁ ଯମାତ୍ ଅହେମଦୀୟା ଯଥେଷ୍ଟ କାମ କରୁଅଛି ସେଥିସକାଶେ ମୁଁ ଗୃହମନ୍ତ୍ରଣାଳୟ ତରଫରୁ ଶୁଭେଚ୍ଛା ଜଣାଉଛି । ଆମେ ଆପଣମାନଙ୍କ ସହିତ ରହିଛୁ ।

ତା'ପରେ ମିନିଷ୍ଟ୍ର ଅଫ୍ ୟୁରୋପ ଏବଂ ଫରେନ୍ ଆଫେୟାର୍ସରେ ଧର୍ମ ସମ୍ବନ୍ଧିୟ କାଉନ୍‌ସିଲରଙ୍କ ବିଶେଷ ଉପଦେଷ୍ଟା Jean Christophe Auge ସାହେବ ନିଜର ଅଭିଭାଷଣ ବ୍ୟକ୍ତ କରି କହିଲେ: ମୁଁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କୁ ଫ୍ରାନ୍ସ ଆସିଥିବା ଯୋଗୁଁ ସ୍ୱାଗତ ଜଣାଉଛି ମୁଁ ଏହି ସଭାର ଆୟୋଜନ କର୍ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଆମେ ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଆର୍ନ୍ତଜାତିୟ ଗୁରୁତ୍ୱକୁ ଭଲଭାବେ ଜାଣିଛୁ ଏବଂ ଆପଣଙ୍କ ଯମାତ୍‌କୁ ମଧ୍ୟ ଜାଣିଛୁ । ଫ୍ରାନ୍ସ ସରକାର ବାକ୍ ସ୍ୱାଧିନତା ଏବଂ ଧର୍ମୀୟ ସ୍ୱାଧୀନତାର ପୃଷ୍ଟପୋଷକତା କରିଥାଏ । ଆମର ଏ ଆନ୍ତରିକ ଇଚ୍ଛା ଯେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଏହି ଫ୍ରାନ୍ସ ଗସ୍ତ ସଫଳ ହେଉ ।

ତା'ପରେ ୟୋବନି ଇଲାକାର ମେୟର Gregoire Dublineau ସାହେବ ନିଜର ଅଭିଭାଷଣରେ କହିଲେ: ମୁଁ ଯମାତ୍ ଅହେମଦୀୟା ଫ୍ରାନ୍ସର ଚେଷ୍ଟାକୁ ପ୍ରଶଂସା କରୁଅଛି । ଏହି ଯମାତ୍‌ର ସଦସ୍ୟମାନେ ପ୍ରତ୍ୟେକ ସ୍ତରରେ ଆମର ସାହାଯ୍ୟ କରିଥାନ୍ତି । ଏମାନେ ପ୍ରେମ, ସ୍ନେହ, ଓ ଭାଇଚାରାକୁ ବାଂଟି ଚାଲିଛନ୍ତି । ଆପଣମାନଙ୍କ କାମ ଯୋଗୁଁ ଲୋକମାନଙ୍କ ମନ ଭିତରେ ମୁସଲମାନମାନଙ୍କ ପ୍ରତି ଥିବା ସଂଙ୍କାକୁ ଦୂର କରୁଅଛି ଏବଂ ଲୋକମାନେ ଇସ୍‌ଲାମ୍ ସମ୍ବନ୍ଧରେ ଅଧିକ ଜ୍ଞାନ ହାସଲ କରିବାପାଇଁ ପ୍ରୟାସ କରୁଛନ୍ତି ।

ତାଙ୍କ ପରେ ନାଟୋ ମେମୋରିଆଲ୍‌ର ସଭାପତି Willy Breton ସାହେବ ନିଜର ବକ୍ତବ୍ୟକୁ ଉପସ୍ଥାପନ କରି କହିଲେ: ଆମେ ପ୍ରତିବର୍ଷ ଆମର ଏହି ସଭା ନିମନ୍ତେ ଫ୍ରାନ୍ସର ବିଭିନ୍ନ ଧର୍ମ ପ୍ରତିନିଧିମାନଙ୍କୁ ଆମନ୍ତ୍ରିତ କରିଥାଉଁ । ଆମେ ଯମାତ୍ ଅହେମଦୀୟାକୁ ଧନ୍ୟବାଦ ଅର୍ପଣ କରୁଅଛୁ । ବିଶେଷ ରୂପେ ଯମାତ୍ ଅହେମଦୀୟାର ଇମାମ୍‌ଙ୍କୁ ବହୁତ ଧନ୍ୟବାଦ ଅର୍ପଣ କରୁଛୁ ଯେ, ସେ ଏହି ସଭାରେ ସାମିଲ ହୋଇଛନ୍ତି ଆମ ସଭାଗୁଡ଼ିକରେ ଯମାତ୍ ଅହେମଦୀୟା ସାମିଲ ହୋଇଥାଏ । ତତ୍‌ସହିତ ମୃତ୍ୟୁବରଣ କରିଥିବା ଫୌଜିମାନଙ୍କ ପାଇଁ ଓ ସେମାନଙ୍କ ଜ୍ଞାତିକୁଟୁମ୍ବମାନଙ୍କ ନିମନ୍ତେ ଦୁଆ କରୁଅଛୁ । ମୋର ଏ ବାର୍ତା ଯେ ଆମେ ସମସ୍ତେ ମିଳିମିଶି ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରିବା ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୬:୪୦ ମିନିଟରେ ଇଂରାଜୀ ଭାଷାରେ ବକ୍ତବ୍ୟ ପ୍ରଦାନ କଲେ । ଯାହାର ଓଡ଼ିଆ ଅନୁବାଦ ନିମ୍ନରେ ଦିଆଯାଉଅଛି ।

### ହଜୁର ଅନଓ୍ୱର ଅ:ବ:ଅଙ୍କ ସାରଗର୍ଭକ ଅଭିଭାଷଣ

ହଜୁର ଅନଓ୍ୱର ଅ:ବ:ଅ ବିସ୍‌ମିଲ୍ଲାଃହିର୍‌ରହମା ନିର୍‌ରହିମ୍ ଭାଷଣର ଆରମ୍ଭରେ ପଢ଼ିଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ,

ଉପସ୍ଥିତ ଅତିଥିବୃନ୍ଦ ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବର୍‌କାତୁହୁ ! ସର୍ବପ୍ରଥମେ ମୁଁ UNESCO ର ବ୍ୟବସ୍ଥାପିକାକୁ ଧନ୍ୟବାଦ ଅର୍ପଣ କରୁଛି ଯେ ସେମାନେ ଆଜି ଆମକୁ ଏଠାରେ ଏହି ପ୍ରୋଗ୍ରାମ କରିବାପାଇଁ ଅନୁମତି ଦେଲେ । ମୁଁ ଅତିଥିମାନଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛି ଯେଉଁମାନେ ଆମ ନିମନ୍ତ୍ରଣକୁ ସ୍ୱୀକାର କରି ଆଜି ଏଠାରେ ଏମିତି ଜଣେ ବ୍ୟକ୍ତିର ଭାଷଣକୁ ଶୁଣିବାପାଇଁ ଏକତ୍ରିତ ହୋଇଛନ୍ତି ଯିଏ ନା ତ ଜଣେ ରାଜନେତା, ନା କୌଣସି ରାଜନୈତିକ ପାର୍ଟିର ଲିଡ଼ର ଓ ନା କୌଣସି ବୈଜ୍ଞାନିକ ବରଂ ଗୋଟିଏ ଧାର୍ମିକ ଯମାତ୍ ଅର୍ଥାତ ଅହେମଦୀୟା ମୁସ୍‌ଲିମ୍ କମ୍ୟୁନିଟିର ଲିଡ଼ର ଅଟନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: UNESCO ର ମୂଳ ଉଦ୍ଦେଶ୍ୟ ବହୁତ ଉତମ ଏବଂ ବହୁତ ପ୍ରଶଂସନୀୟ । ମୋ ଜ୍ଞାନ ମୁତାବକ ତାହାର ଉଦ୍ଦେଶ୍ୟଗୁଡିକ ମଧ୍ୟରେ ସାରା ପୃଥିବୀରେ ଶାନ୍ତି ସ୍ଥାପନ କରିବା ଏବଂ ଆପୋଷରେ ସମ୍ମାନ ସ୍ଥାପନ କରିବା, କାନୁନ ଏବଂ ମାନବିକ ଅଧିକାରକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷାର ବିକାଶ ସାମିଲ ରହିଛି । UNESCO ଗଣମାଧ୍ୟମର ସ୍ୱାଧିନତା ଏବଂ ବିଭିନ୍ନ ସାଂସ୍କୃତିକ ସ୍ଥାନକୁ ସୁରକ୍ଷା ଦେବାପାଇଁ ପ୍ରୋତ୍ସାହିତ କରିଥାଏ । ତାହାର ଉଦ୍ଦେଶ୍ୟଗୁଡିକ ମଧ୍ୟରେ ଗରୀବର ମୁଳପ୍ରାଟନ ଏବଂ ଆର୍ନ୍ତଜାତିୟ ସ୍ତରରେ ସ୍ଥାୟୀ ଉନ୍ନତି ଓ ବିକାଶକୁ ପ୍ରୋତ୍ସାହନ ଦେବା ମଧ୍ୟ ସାମିଲ ରହିଛି । ପୁଣି UNESCO ଏ କଥାକୁ ମଧ୍ୟ ନିଶ୍ଚିତ କରିବାକୁ ଚେଷ୍ଟା କରିଥାଏ ଯେ ମଣିଷ ନିଜ ଅନ୍ତେ ଏପରି ଧନସମ୍ପତି ଛାଡ଼ିଯାଉ ଯାହାଠାରୁ ଆସନ୍ତା ପୀଢ଼ୀ ଲାଭାନ୍ୱିତ ହେଉଥିବେ ।

ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: ଆପଣଙ୍କୁ ଜାଣି ବହୁତ ଆଶ୍ଚର୍ଯ୍ୟ ଲାଗିବ ଯେ, ଇସ୍‌ଲାମୀୟ ଶିକ୍ଷା ମଧ୍ୟ ଏହି ଉଦ୍ଦେଶ୍ୟକୁ ପୂରଣ କରିବାପାଇଁ ଏବଂ ମଣିଷ ଜାତିର ଉନ୍ନତି ନିମନ୍ତେ ଅନବରତ ଚେଷ୍ଟା କରିବାପାଇଁ ପ୍ରୋତ୍ସାହିତ କରିଥାଏ । ଏହି ପ୍ରକାରର ଶିକ୍ଷା ପବିତ୍ର କୋରାନ୍‌ର ପ୍ରଥମ ସୁରାଃରେ ହିଁ ରହିଛି ଯେଉଁଥିରେ ଏକଥା ବର୍ଣ୍ଣିତ ଅଛି ଯେ, ଅଲ୍ଲାଃ ତାଲା ହେଉଛନ୍ତି ସାରା ଜଗତର ପାଳନକର୍ତା । ଏହି ଆୟତଟି ଇସ୍‌ଲାମୀୟ ଆସ୍ଥାର କେନ୍ଦ୍ରବିନ୍ଦୁ ଅଟେ । ତା' ମାଧ୍ୟମରେ ମୁସଲମାନମାନଙ୍କୁ ଏକଥା ବତାଇ ଦିଆଯାଇଛି ଯେ, ଅଲ୍ଲାଃ ତାଲା କେବଳ ମୁସଲମାନମାନଙ୍କର ପାଳନକର୍ତା ନୁହନ୍ତି ବରଂ ସେ ସମଗ୍ର ମାନବ ଜଗତର ପାଳନକର୍ତା ଅର୍ନ୍ନଦାତା ଅଟନ୍ତି । ସେ ରହ୍‌ମାନ ଏବଂ ରହିମ୍ ଅଟନ୍ତି ତେଣୁ ଜାତି, ବର୍ଣ୍ଣ, ରଙ୍ଗ ନିର୍ବିଶେଷରେ ସେ ସମସ୍ତ ପ୍ରାଣୀଜଗତର ଆବଶ୍ୟକତାକୁ ପୂରଣ କରୁଛନ୍ତି । ଏହି ଦୃଷ୍ଟିକୋଣରୁ ଜଣେ ପ୍ରକୃତ ମୁସଲମାନ ଏ କଥା ଉପରେ ବିଶ୍ୱାସ ରଖିଥାଏ ଯେ, ସମଗ୍ର ମାନବଜାତି ସମାନ ଜନ୍ମ ହୋଇଛନ୍ତି ତେଣୁ ଆସ୍ଥା ଓ ବିଶ୍ୱାସରେ ମତପାର୍ଥକ୍ୟ ଥିବା ସତ୍ତ୍ୱେ ମଧ୍ୟ ଆପୋଷରେ ପ୍ରେମ ଓ ସୌହାର୍ଦ୍ଦ୍ୟ ଭାବ ରହିବା ଉଚିତ । ସୁରାଃ ବକ୍‌ରାର ଆୟତ ନଂ ୧୩୯ରେ ଗୋଟିଏ ବହୁତ ସୁନ୍ଦର ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଛି ଯେ, ମୁସଲମାନମାନଙ୍କୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ପାଦ ଥାପିବା ଉଚିତ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଓ ଅଲ୍ଲାଃଙ୍କ ବିଶେଷଗୁଣଗୁଡ଼ିକୁ ଆପଣେଇ ନେବା ଉଚିତ । ଯେମିତି ଏକଥା ଚର୍ଚ୍ଚା ହୋଇସାରିଛି ଯେ, ଅଲ୍ଲାଃ ତାଲାଙ୍କର କରୁଣା ସବୁ ଜିନିଷକୁ ଢ଼ାଙ୍କି ରହିଛି ଏବଂ ଅଲ୍ଲାଃ ସମଗ୍ର ପ୍ରାଣୀଜଗତର ଅର୍ନ୍ନଦାତା ଅଟନ୍ତି ଏପରି କି ଯେଉଁମାନେ ତାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି ଓ ତାହାଙ୍କ ଅସ୍ତିତ୍ୱକୁ ମାନୁନାହାନ୍ତି, ସେମାନଙ୍କ ଉପରେ ମଧ୍ୟ ଅଲ୍ଲାଃଙ୍କର କରୁଣା ରହିଛି ସେହିଭଳି ତା ବିରୋଧରେ ଯେଉଁମାନେ କଥା ହେଉଛନ୍ତି ବା ଦୁନିଆରେ ଯେଉଁମାନେ ଅତ୍ୟାଚାର କରୁଛନ୍ତି ସେମାନଙ୍କ ଉପରେ ମଧ୍ୟ ତାହାର କରୁଣା ରହିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍‌ରେ ଈଶ୍ୱରଙ୍କ ତରଫରୁ ଯେଉଁ ପୁରସ୍କାର ବା ଦଣ୍ଡର ବିଧାନ ରହିଛି ତାହା ପରକାଳ ସହିତ ଅଧିକ ଯେବେକି ଏ ଜୀବନରେ ତ ଅଲ୍ଲାଃ ତାଲା ପ୍ରାଣୀଜଗତ ଉପରେ ତାହାର କରୁଣା ପ୍ରଦାନ କରିଚାଲିଛନ୍ତି । ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ତା' ନିଜର ବିଶେଷଗୁଣଗୁଡ଼ିକୁ ଆପଣେଇବାର ଶିକ୍ଷା ଦେଇ ଏକଥା ବତାଇଛନ୍ତି ଯେ, ସେ ମଧ୍ୟ ଅନ୍ୟ ଲୋକମାନଙ୍କ ସହିତ ଦୟା ଆଚାରଣ କରୁ ଓ ସହାନୁଭୁତି ଦେଖାଉ ତେଣୁ ମୁସଲମାନମାନଙ୍କର ଏହା ହେଉଛି ଧର୍ମୀୟ କର୍ତବ୍ୟ ଯେ, ସେ ବିଶ୍ୱାସ ସଂସ୍କୃତି ଓ ଜାତିବର୍ଣ୍ଣର ଭିନ୍ନତାକୁ ପଛରେ ପକାଇ ସର୍ବଦା ଅନ୍ୟର ଆବଶ୍ୟକତାକୁ ପୂରଣ କରୁ ଓ ସେମାନଙ୍କ ସହିତ ସର୍ବଦା ସହାନୁଭୂତି ଦେଖାଉ । ପୁଣି ପବିତ୍ର କୋରାନ୍ ଏହା ଦାବି କରିଛି ଯେ, ଅଲ୍ଲାଃ ତାଲା ନବୀ କରିମ୍ ସ:ଆ:ସଙ୍କୁ ସମଗ୍ର ମାନବଜାତି ପାଇଁ କରୁଣା ବନାଇ ପ୍ରେରଣ କରିଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ସହାନୁଭୁତି ଦେଖାଇବାରେ ଏହି ଇସ୍‌ଲାମୀୟ ଶିକ୍ଷାର ଜ୍ୱଳନ୍ତ ଉଦାହରଣ ଥିଲେ । ଯେତେବେଳେ ଆପଣ ସ:ଆ:ସ ଇସ୍‌ଲାମ୍ ଧର୍ମର ମୂଳଦୁଆ ରଖିଲେ, ସେତେବେଳେ ଆପଣ ସ:ଆ:ସଙ୍କ ଉପରେ ଏବଂ ଅନ୍ୟ ମୁସଲମାନମାନଙ୍କ ଉପରେ ମକ୍କାର ଅଣମୁସଲମାନମାନଙ୍କ ତରଫରୁ ଅତ୍ୟାଚାର ସହିବାକୁ ପଡ଼ିଲା ସେହି ଅତ୍ୟାଚାରକୁ ଆପଣ ସ:ଆ:ସ ଅତ୍ୟନ୍ତ ଧୈର୍ଯ୍ୟର ସହିତ ବରଦାସ୍ତ କଲେ । ଶେଷରେ ଯେତେବେଳେ ଅତ୍ୟାଚାର ତା'ର ଅନ୍ତିମ ସ୍ତରକୁ ପହଂଚିଗଲା ସେତେବେଳେ ସେମାନେ ମଦିନାକୁ ହିଜ୍‌ରତ୍ କରିଚାଲିଗଲେ । ମଦିନାଠାରେ ରସୁଲେ୍ କରିମ୍ ସ:ଆ:ସ ମୁହାଜିର୍, ଇହୁଦୀ ଓ ଅନ୍ୟାନ୍ୟ ଜାତିର ଲୋକମାନଙ୍କ ମଧ୍ୟରେ ଶାନ୍ତିଚୁକ୍ତି ସ୍ଥାପନ କରିଦେଲେ । ସେହି ଚୁକ୍ତି ମୁତାବକ ବିଭିନ୍ନ ଜାତିର ଲୋକମାନେ ଆପୋଷରେ ଶାନ୍ତିରେ ରହିବାପାଇଁ, ଅନ୍ୟମାନଙ୍କ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବାପାଇଁ, ଆପୋଷରେ ସହାନୁଭୁତିଶୀଳ ହେବାପାଇଁ ଏବଂ ଆପୋଷରେ ସାହାଯ୍ୟ ସହଯୋଗକୁ ବଢ଼ାଇବା ପାଇଁ ଶପଥ କଲେ । ରସୁଲେ୍ କରିମ୍ ସ:ଆ:ସ ଏହି ସାମ୍ରାଜ୍ୟର ସର୍ବୋଚ୍ଚ ନେତା ରୂପେ ନିଯୋଜିତ ହେଲେ ଏବଂ ତାଙ୍କ ନେତୃତ୍ୱରେ ସେହି ଚୁକ୍ତି ମାନବିକ ଅଧିକାର ଏବଂ ଶୁଶାସନର ଏକ ସୁନ୍ଦର ଚାର୍ଟର ପ୍ରମାଣିତ ହେଲା ଏବଂ ତାହା ବିଭିନ୍ନ ଜାତି ମଧ୍ୟରେ ଶାନ୍ତି ସ୍ଥାପନ କରିବାକୁ ନିଶ୍ଚିତ ବନାଇ ଦେଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ନବୀ କରିମ୍ ସ:ଆ:ସ ସମସ୍ତ ବାଦବିବାଦର ସମାଧାନ କରିବାପାଇଁ ନିରପେକ୍ଷ ଅଦାଲତି ବ୍ୟବସ୍ଥା କାଏମ୍ କରିଥିଲେ । ଆପଣ ସ:ଆ:ସ ଏହା ସ୍ୱଷ୍ଟଭାବେ କହିଦେଇଥିଲେ ଯେ, ଧନୀ ଏବଂ ଶକ୍ତିଶାଳୀ ତତ୍ ସହିତ ଗରିବ ଏବଂ ନିରାଶ୍ରୟ ଲୋକ, ସମସ୍ତଙ୍କ ପାଇଁ ଗୋଟିଏ ହିଁ କାନୁନ ରହିବ । ଏବଂ ସମସ୍ତଙ୍କ ସହିତ ଏହି କାନୁନ ମୁତାବକ ବ୍ୟବହାର କରାଯିବ । ଉଦାହରଣ ସ୍ୱରୁପ ଥରେ ଜଣେ ପ୍ରଭାବଶାଳୀ ଧନୀ ମହିଳା ଗୋଟିଏ ଅପରାଧ କଲେ ତେଣୁ ଅନେକ ଲୋକେ ଏ ପରାମର୍ଶ ଦେଲେ ଯେ, ସେହି ମହିଳାଙ୍କ ଅପରାଧକୁ ଅଣଦେଖା କରିଦିଆଯାଉ କିନ୍ତୁ ରସୁଲେ୍ କରିମ୍ ସ:ଆ:ସ ଏହି ପରାମର୍ଶକୁ ରଦ୍ଦ କରିଦେଲେ ଓ ସ୍ୱଷ୍ଟଭାବେ ଏକଥା କହିଲେ ଯେ, ଯଦି ମୋ ଝିଅ ମଧ୍ୟ ଅପରାଧ କରିଥାନ୍ତା ତେବେ ତାକୁ ମଧ୍ୟ କୋହଳ ଦଣ୍ଡ ଦିଆଯାଇନଥାନ୍ତା ବରଂ କାନୁନ ମୁତାବକ ବରାବର ଦଣ୍ଡ ମିଳିଥାନ୍ତା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ରସୁଲେ୍ କରିମ୍ ସ:ଆ:ସ ବହୁତ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ମଧ୍ୟ ପ୍ରତିଷ୍ଠା କରିଛନ୍ତି ଯାହା ଦ୍ୱାରା ସମାଜରେ ଶିକ୍ଷାର ସ୍ତର ବଢ଼ିଗଲା । ଶିକ୍ଷିତ ଓ ପଢ଼ାଲିଖା ଲୋକମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଥିଲା ଯେ, ସେମାନେ ଅଶିକ୍ଷିତ ଲୋକମାନଙ୍କୁ ପାଠ ପଢ଼ାନ୍ତୁ । ସମାଜରେ ଅନାଥ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଶିକ୍ଷା ନିମନ୍ତେ ବିଶେଷ ବ୍ୟବସ୍ଥା କରାଯାଇଥିଲା । ଏହା ସବୁ ଏଥିପାଇଁ କରାଯାଇଥିଲା ଯେ, ଦୁର୍ବଳ ଓ ଅସହାୟ ଶ୍ରେଣୀର ଲୋକମାନେ ନିଜ ପାଦରେ ନିଜେ ଛିଡ଼ା ହୋଇପାରିବେ ଏବଂ ଆଗକୁ ବଢ଼ିପାରିବେ । ଟ୍ୟାକ୍ସର ବ୍ୟବସ୍ଥା ମଧ୍ୟ କାଏମ୍ କରାଗଲା ଏହା ଦ୍ୱାରା ସମାଜରେ ରହୁଥିବା ଧନୀ ଲୋକମାନଙ୍କଠାରୁ ଟ୍ୟାକ୍ସ ନିଆଯାଉଥିଲା ଏବଂ ଗରୀବ ଓ ଅସହାୟ ଲୋକମାନଙ୍କ ଉପରେ ତାହା ଖର୍ଚ୍ଚ କରାଯାଉଥିଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ନବୀ କରିମ୍ ସ:ଆ:ସ ବାଣିଜ୍ୟ କାରବାରର ଏକ ସୁନ୍ଦର ନମୁନା କାଏମ୍ କରିଛନ୍ତି ଏହା ଦ୍ୱାରା ଏକଥା ନିଶ୍ଚିତ କରାଯାଇପାରିବ ଯେ, ଏହି ବାଣିଜ୍ୟ ବ୍ୟବସାୟ ନ୍ୟାୟ ଏବଂ ଇମାନ୍‌ଦାରୀରେ କରାଯାଉଅଛି ସେ ଯୁଗରେ ଯେତେବେଳେ ଗୁଲାମି (କ୍ରୀତଦାସ) ରଖିବାର ପ୍ରଥା ଥିଲା ଏବଂ ମାଲିକମାନେ ନିଜ ଗୁଲାମ ମାନଙ୍କ ସହିତ ଖରାପ ବ୍ୟବହାର କରୁଥିଲେ ସେହି ସମୟରେ ଆଁ ହଜ୍‌ରତ୍ ସ:ଆ:ସ ସମାଜରେ ଏକ ପରିବର୍ତନ ସୃଷ୍ଟି କରିଦେଲେ । ମାଲିକମାନଙ୍କୁ ଏ ନିର୍ଦ୍ଦେଶ ଦିଆଗଲା ଯେ, ଗୁଲାମମାନଙ୍କ ସହିତ ସହାନୁଭୁତି ଦେଖାଅ ଏବଂ ସେମାନଙ୍କୁ ସମ୍ମାନ ଓ ସଦ୍‌ବ୍ୟବହାର କର ତତ୍‌ସହିତ ରସୁଲେ କରିମ୍ ସ:ଆ:ସ ବାରମ୍ବାର ଗୁଲାମ ମାନଙ୍କୁ ସ୍ୱାଧିନ କରିବା ପ୍ରତି ପ୍ରୋତ୍ସାହିତ କରିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ସେହଭଳି ରସୁଲେ୍ କରିମ ସ:ଆ:ସଙ୍କ ନେତୃତ୍ୱରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ବ୍ୟବସ୍ଥା ମଧ୍ୟ ପ୍ରତିଷ୍ଠା କରାଗଲା । ସହର ମଧ୍ୟରେ ସଫେଇ କାର୍ଯ୍ୟକ୍ରମ କରାଗଲା ଏବଂ ଲୋକମାନଙ୍କୁ ନିଜ ଶରୀରକୁ ସଫାସୁତୁରା ରଖିବାପାଇଁ ଏବଂ ନିଜର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ମଧ୍ୟ ଶିକ୍ଷା ଦିଆଗଲା । ସହରର ସଡ଼କଗୁଡ଼ିକୁ ଚଉଡ଼ା କରାଗଲା । ସେହିଭଳି ନାଗରିକମାନଙ୍କର ଆବଶ୍ୟକତା ପ୍ରତି ଧ୍ୟାନ ଦେବାପାଇଁ ଓ ଅନ୍ୟାନ୍ୟ କଥା ଏବଂ ଡ଼ାଟା ଏକାଠି କରିବାପାଇଁ ଜନଗଣନା ମଧ୍ୟ କରାଗଲା । ଅତଏବ ସପ୍ତମଶତାବ୍ଦିରେ ନବୀ କରିମ୍ ସ:ଆ:ସଙ୍କ ଶାସନ ବ୍ୟବସ୍ଥା ଅର୍ନ୍ତଗତ ମଦିନାରେ ବ୍ୟକ୍ତିଗତ ଏବଂ ସାମୁହିକ ଅଧିକାରକୁ ଉନ୍ନତ କରିବାପାଇଁ ଆଶ୍ଚର୍ଯ୍ୟଜନକ ପଦକ୍ଷେପ ନିଆଗଲା । ନିଶ୍ଚିତରୂପେ ଆରବ ଦେଶରେ ପ୍ରଥମଥର ପାଇଁ ନିୟମିତ ଧର୍ମ ଏବଂ ସୁସଂଘଠିତ ସମାଜ ପ୍ରତିଷ୍ଠା ହେଲା । ଏହି ସମାଜ ଅନେକ ଦୃଷ୍ଟିକୋଣରୁ ଉଦାହରଣୀୟ ଥିଲା । ଉଦାହରଣ ସ୍ୱରୁପ ଇନ୍‌ଫ୍ରାଷ୍ଟକଚର, ସେବାମୁଳକ କାର୍ଯ୍ୟ ଏବଂ ସବୁଠାରୁ ବଳୀ ଏହିଭଳି ସାଂସ୍କୃତିକ ସମାଜରେ ଏକତା ଏବଂ ସହନଶୀଳତାର ପ୍ରଦର୍ଶନ ଥିଲା । ମୁସଲମାନମାନେ ସେଠାକୁ ମୁହାଜିର୍ ହୋଇ ଆସିଥିଲେ କିନ୍ତୁ ଏହା ସତ୍ୱେ ମଧ୍ୟ ସେହି ସ୍ଥାନିୟ ସମାଜରେ ସେମାନେ ମିଶିଗଲେ ଓ ସେଠିକାର ଉନ୍ନତି ଓ ସଫଳତାରେ ନିଜର ଭାଗିଦାରୀ ପ୍ରଦାନ କଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: କିନ୍ତୁ ବହୁତ ଦୁଃଖର କଥା ହେଉଛି ଏହା ଯେ, ଏହି ଇସ୍‌ଲାମୀୟ ଶିକ୍ଷା ଆଲୋକରେ ମଧ୍ୟ ଆଜିକାଲି ଦୁନିଆରେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ କାର୍ଯ୍ୟବଳୀକୁ ସମାଲୋଚନା କରାଯାଉଛି । ତାଙ୍କୁ ଜଣେ ଯୁଦ୍ଧଖୋର୍ ଲିଡ଼ର ଭାବେ ଉପସ୍ଥାପନ କରାଯାଉଛି ଯେବେ କି ତା' ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ । ବରଂ ବାସ୍ତବିକ ରସୁଲେ୍ କରିମ ସ:ଆ:ସ ନିଜ ଜୀବନର ପ୍ରତିକ୍ଷଣକୁ ଅନ୍ୟମାନଙ୍କ ଅଧିକାରର ସୁରକ୍ଷା ପ୍ରତି ସମର୍ପଣ କରିଛନ୍ତି ଏବଂ ଇସ୍‌ଲାମୀୟ ଶିକ୍ଷା ଜରିଆରେ ମାନବିକ ଅଧିକାରର ଅନୁପମ ଓ ସ୍ଥାୟୀ ଘୋଷଣାପତ୍ରର ସ୍ଥାପନା ହେଲା । ଉଦାହରଣ ସ୍ୱରୁପ ଆଁ ହଜ୍‌ରତ୍ ସ:ଆ:ସ ଏ ଶିକ୍ଷା ଦେଇଛନ୍ତି ଯେ, ଲୋକମାନେ ଜଣେ ଅନ୍ୟଜଣକର ବିଶ୍ୱାସ ଓ ଭାବନାର ଖିଆଲ୍ ରଖନ୍ତୁ ଏବଂ ଅନ୍ୟ ସମ୍ପ୍ରଦାୟର ପବିତ୍ର ଲୋକମାନଙ୍କ ଉପରେ କଟୁ ମନ୍ତ୍ରଣା ଦେବାରୁ ରହିତ ରୁହନ୍ତୁ ।

ଥରେ ଜଣେ ୟହୁଦୀ ଆସିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ଜଣେ ନିକଟତର ସାହାବିଙ୍କ ସମ୍ବନ୍ଧରେ ଅଭିଯୋଗ କଲେ । ଏଥିରେ ରସୁଲେ୍ କରିମ୍ ସ:ଆ:ସ ସେହି ସାହାବିକୁ ଡ଼କାଇ ପଠାଇଲେ ଓ ଏ ସମ୍ବନ୍ଧରେ ପଚାରିଲେ ସାହାବି ଜଣକ କହିଲେ ଯେ, ସେହି ୟହୁଦୀ ଜଣକ ଏକଥା କହୁଥିଲେ କି, ହଜ୍‌ରତ୍ ମୁସା ଆ:ସଙ୍କୁ ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ଅଗ୍ରାଧିକାର ହାସଲ ଅଛି । ଏକଥା ଶୁଣି ମୁଁ ବରଦାସ୍ତ କରିପାରିଲି ନାହିଁ ତେଣୁ ମୁଁ ଅତ୍ୟନ୍ତ କଠୋରତାର ସହିତ ସେହି ୟହୁଦୀକୁ ଉତର ଦେଲି ଯେ, ନା! ରସୁଲେ୍ କରିମ୍ ସ:ଆ:ସଙ୍କ ପଦମର୍ଯ୍ୟାଦା ଅଧିକ । ଏଥିରେ ରସୁଲେ୍ କରିମ୍ ସ:ଆ:ସ ନିଜର ଅତିନିକଟତମ ସାଥିଙ୍କ ଉପରେ

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 26 Nov 2020 Issue No. 48

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୭ ଅକ୍ଟୋବର ୨୦୧୯ ସୋମବାରର ବଳକା ରିପୋର୍ଟ ଭାଇସ୍ ପ୍ରେସିଡ଼େଂଟ ଫ୍ରେଂଚ ମୁସ୍‌ଲିମ୍ କାଉନ୍‌ସିଲ୍‌ଙ୍କ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ସାକ୍ଷାତକାରର ବଳକାଅଂଶ**

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣଙ୍କୁ ମସ୍‌ଜିଦ୍‌ଗୁଡ଼ିକ ଦୃଷ୍ଟିକୋଣରୁ ଦୁଇହଜାର ପାଂଚଶହ ଇମାମ୍‌ଙ୍କର ଆବଶ୍ୟକତା ଅଛି । କଣ ଆପଣଙ୍କ ନିକଟରେ ଏତେ ସଂଖ୍ୟକ ଇମାମ୍ ନାହାନ୍ତି ? ଏଥିରେ ସେ ମହାଶୟ କହିଲେ ଆମ ପାଖରେ Full Time ଇମାମ୍ ନାହାନ୍ତି । ସାମୟିକ (ଅସ୍ଥାୟୀ) ଇମାମ୍ ଅଛନ୍ତି । ଇମାମ୍ ହୋଇ କିଛି ଦିନ କାମ କରିବା ପରେ ଚାଲିଯାଉଛନ୍ତି । ସେମାନଙ୍କର ଟ୍ରେନିଂ ସମ୍ପୂର୍ଣ୍ଣ ମଧ୍ୟ ହେଉନାହିଁ । ଆମେ ଟ୍ରେନିଂ ନିମନ୍ତେ ତିନି ଚାରିବର୍ଷର କୋର୍ସ ରଖିଛୁ । ଯେଉଁ ଇମାମ୍‌ମାନେ ଆସୁଛନ୍ତି ସେମାନେ ସମ୍ପୂର୍ଣ୍ଣ ଟ୍ରେନିଂ କରୁନାହାନ୍ତି । ଅଧିକାଂଶ ଦୁଇବର୍ଷ ପରେ ଚାଲିଯାଉଛନ୍ତି ।

ପୁଣି ସେ ମହାଶୟ କହିଲେ ଯେ ଆମେ ନିଜର ଆବଶ୍ୟକତାକୁ ପୂରଣ କରିବାପାଇଁ ଆଲ୍‌ଜେରିୟା, ମରାକିଶ୍ ଏବଂ ତୁର୍କୀରୁ ଇମାମ୍ ମଗାଇଥାଉଁ । ସେମାନଙ୍କ ସରକାର ଏଥିସକାଶେ ଚାରିବର୍ଷର ଓ୍ୱାର୍କ ପର୍‌ମିଟ୍ (Work Permit) ଦେଇଥାନ୍ତି । ପୁଣି ସେମାନଙ୍କୁ ଯିବାକୁ ପଡ଼ିଥାଏ ।

ପୁଣି ସେ ମହାଶୟ କହିଲେ ଯେ ପ୍ୟାରିସ୍ ଆକ୍ରମଣ ପରେ ଇସ୍‌ଲାମ୍ ଫୋବିଆ (Islamophobia) ବହୁମାତ୍ରାରେ ବଢ଼ିଯାଇଛି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ତେବେ ପୁଣି ଏହାର ରଦ୍ଦ ନିମନ୍ତେ ଆପଣ କଣ ଚେଷ୍ଟା କରିଛନ୍ତି ?

ଏଥିରେ ସେ ମହାଶୟ ଉତର ଦେଲେ ଯେ ଆମେ ଚେଷ୍ଟା କରୁଛୁ ଯେ, ସେମାନଙ୍କୁ ବତାଇବୁ କି ଇସ୍‌ଲାମ୍ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଇସ୍‌ଲାମ୍ ସନ୍ତ୍ରାସବାଦକୁ ବିରୋଧ କରିଥାଏ । ଆମେ ସେମାନଙ୍କୁ ଇସ୍‌ଲାମ୍‌ର ଉତମ ଶିକ୍ଷା ଦେଇଥାଉଁ ।

ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ ଆପଣ ଜିହାଦ୍‌ର କଣ ସଜ୍ଞା ନିରୂପଣ କରୁଛନ୍ତି ? ସେ ଉତର ଦେଲେ ଯେ ସବୁଠାରୁ ପ୍ରଥମ ଜିହାଦ୍ ହେଉଛି "ଜିହାଦ୍ ବିନ୍ ନଫ୍‌ସ" (ଅର୍ଥାତ ନିଜ ମନକୁ ନିୟନ୍ତ୍ରଣ କରିବାକୁ ନିଜ ସହିତ ଜିହାଦ୍ କରିବା) ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣ ଏହି କାର୍ଯ୍ୟରେ କାଏମ୍ (ଦୃଢ଼) ରୁହନ୍ତୁ ଏବଂ ମୁସଲମାନମାନଙ୍କୁ ମଧ୍ୟ ଏହା ଉପରେ ପରିଚାଳିତ ହେବାପାଇଁ ପର୍ବତାଆନ୍ତୁ ଫଳତଃ ମୁସଲମାନମାନଙ୍କ ବିରୋଧରେ ଜିହାଦ୍‌ର ଯେଉଁ ଭୁଲ୍ ଦୃଷ୍ଟିକୋଣ ଦେଖାଯାଇଛି ତାହା ଦୂର ହୋଇଯିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଜିକାଲି ଲବିଙ୍ଗ (Lobbying) ର ଯୁଗ । ଆପଣ ଲବିଙ୍ଗ୍ କରିବାକୁ କାହିଁକି ଚେଷ୍ଟା କରୁନାହାନ୍ତି । ସେହି ଲୋକମାନଙ୍କୁ ଜିହାଦ୍‌ର ସଠିକ୍ ଶିକ୍ଷା ସମ୍ବନ୍ଧରେ ବତାନ୍ତୁ । ଏହା ଦ୍ୱାରା ତାଙ୍କ ମନ ସଫା ହୋଇଯିବ ଓ ଇସ୍‌ଲାମଫୋବିଆ (Islamophobia) ଶେଷ ହୋଇଯିବ ।

ସେ ମହାଶୟ ପଚାରିଲେ ଯେ ଅହେମଦୀମାନଙ୍କର ଗୈର୍ ଅହେମଦୀ (ଅଣଅହେମଦୀ ମୁସଲମାନ) ଏବଂ ସୁନ୍ନି ମୁସଲମାନମାନଙ୍କ ସହିତ କି ପ୍ରକାରର ସମ୍ପର୍କ ରହିଛି ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍‌ରେ ଗୋଟିଏ ଦୁଇଟି ଫିର୍କା (ଗୋଷ୍ଠୀ) ତ ନାହିଁ । ୭୨ ଫିର୍କା ଅଛନ୍ତି । ଆମକୁ ମିଶାଇ ୭୩ ଫିର୍କା ହେଉଛି । ପ୍ରତ୍ୟେକ ଫିର୍କା ଉପରେ ଇଲ୍‌ଜାମ୍ (ଦୋଷାରୋପଣ) ଲଗାଉଛନ୍ତି । ସମସ୍ତେ ଅର୍ଥାତ ସମସ୍ତ ଫିର୍କା ପ୍ରଥମେ ଏକାଠି ହୋଇଯାଆନ୍ତୁ । ଏହା ଦ୍ୱାରା ଦୁନିଆ ଉପରେ ଭଲ ପ୍ରଭାବ ପଡ଼ିବ ।

ଯେଉଁଠି ସୁନ୍ନି ମୁସଲମାନଙ୍କ କଥା ଉଠୁଛି, ସୁନ୍ନି ମୁସଲମାନମାନଙ୍କର ଅଧିକାଂଶ ଲୋକେ ହଜ୍‌ରତ୍ ଇମାମ୍ ଅବୁ ହନିଫା ରହେମୁଲ୍ଲାହ୍ ତାଲାଙ୍କୁ ମାନିଥାନ୍ତି । ଯମାତ୍ ଅହେମଦୀୟାର ଅଧିକାଂଶ ଫିକି ମାମଲା ଅର୍ଥାତ ଶରିୟତ୍ ସମ୍ବନ୍ଧିୟ ମାମଲା ଅବୁ ହନିଫାଙ୍କ ଫିର୍କା (ଶରିୟତି ନିୟମାବଳୀ)ଉପରେ ଆଧାରିତ । ଆମେ ଏ କଥାରେ ବିଶ୍ୱାସ ରଖିଥାଉଁ ଯେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ହେଉଛନ୍ତି "ଖାତ୍‌ମୁନ୍ ନବିୟିନ୍" ଅର୍ଥାତ ନବୀ ଶିରୋମଣି ଏବଂ ତାହାଙ୍କ ପରେ ଆଉ କୌଣସି ନୂଆ ଶରିୟତ୍ ଆସିପାରିବ ନାହିଁ । ଆମେ ଏ କଥାରେ ବିଶ୍ୱାସ ରଖିଥାଉଁ ଯେ ପବିତ୍ର କୁର୍‌ଆନ୍ ହେଉଛି ଶେଷ ଶରିୟତ ପୁସ୍ତକ ଅର୍ଥାତ ଶେଷ ଧର୍ମବିଧାନ । ତା'ପରେ ଆଉ କୌଣସି ନୂଆ ଶରିୟତ ନାହିଁ । ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଯେଉଁ ସୁନ୍ନତ କାଏମ୍ (ପ୍ରତିଷ୍ଠା) କରିଛନ୍ତି ତା'ମୁତାବକ ଆମେ ଆମ ଜୀବନକୁ ପରିଚାଳିତ କରିବୁ ।

ଆମେ ଏ କଥାରେ ବିଶ୍ୱାସ ରଖିଥାଉଁ ଯେ ଯେଉଁ ସମସ୍ତ ହଦିସ୍‌ଗୁଡ଼ିକ ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁନ୍ନତ ଏବଂ ପବିତ୍ର କୁର୍‌ଆନ୍‌ର ଶିକ୍ଷାର ବିପରୀତ ନୁହନ୍ତି ତାହା ସବୁ ଠିକ୍ ଏବଂ ଯେଉଁ ହଦିସ୍‌ଗୁଡ଼ିକ ବିପରୀତ ତାହା ସବୁ ଭୁଲ ।

ସମସ୍ତ ମୁସଲମାନ ଏକଥାରେ ବିଶ୍ୱାସ ରଖିଥାନ୍ତି ଯେ ଶେଷ ଯୁଗରେ ମେହେଦୀ ଏବଂ ମସିହ୍ ଆ:ସ ଆସିବେ । ଆମେ କହୁଛୁ ଯେ ଯେଉଁ ମସିହ୍ ହଜ୍‌ରତ୍ ମୁସା ଆ:ସଙ୍କ ଶରିୟତ୍ ଅନ୍ତର୍ଗତ ଆସିଥିଲେ, ସେ ଆକଶରେ ଜୀବିତ ନାହାନ୍ତି, ତାଙ୍କର ମୃତ୍ୟୁ ହୋଇଯାଇଛି । ଦୁଇହଜାର ବର୍ଷ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଜୀବିତ ରହିପାରେନା ।

ଯେଉଁ ମସିହଙ୍କୁ ଶେଷ ଯୁଗରେ ଆସିବାର ଥିଲା । ହଦିସ୍ ସହି ବୁଖାରୀ ମୁତାବକ ଯାହାଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉମ୍ମତରେ ଆସିବାର ଥିଲା ଏବଂ ସବୁ ମୁସଲମାନମାନଙ୍କର ଏ ବିଶ୍ୱାସ ଯେ, ମସିହି ଏବଂ ମେହେଦୀ ଆସିବେ, ମସିହି ଆକାଶରୁ ଆସିବେ ଓ ପୁଣି ମେହେଦୀ ଏ ଦୁଇଜଣଯାକ ମିଶି କାମ କରିବେ । କିନ୍ତୁ ଆମେ ଏକଥା କହୁଛୁ ଯେ, ଏହି ଦୁଇଟି ନାମ ହେଉଛି ଜଣେ ବ୍ୟକ୍ତିଙ୍କର ତେଣୁ ଜଣେ ହିଁ ଆସିବେ । ମୁସଲମାନମାନଙ୍କ ସହିତ ଆମର ଏହି ମତଭେଦ ରହିଛି । ବାକି ଆମେ ଖତ୍‌ମେ ନବୁଓ୍ୱତ୍, ଶେଷ ନବୀ ଏବଂ ଶେଷ ଶରିୟତ୍ ଏ ସବୁକଥା ଉପରେ ବିଶ୍ୱାସ ରଖିଛୁ ।

ଏଥିରେ ସେ ମହାଶୟ କହିଲେ ଯେ, ମୁଁ ବହୁତ ଆନନ୍ଦିତ ମୁଁ ମରାକିନ୍ ବଂଶଜ ମାଲିକି ଫିର୍କା ସହିତ ମୋର ସମ୍ବନ୍ଧ ରହିଛି । ମାଲିକି, ହନ୍‌ଫି ଏବଂ ଶାଫିଇ ଏମାନେ ସମସ୍ତେ ମୁସଲମାନ ଅଟନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଁ ହଜ୍‌ରତ୍ ସ:ଆ:ସଙ୍କ କଥନ ମୁତାବକ ଯେଉଁ ବ୍ୟକ୍ତି ଲା ଇଲାହା ଇଲ୍ଲଲାହୁ ମୁହମଦୁର୍ ରସୁଲୁଲ୍ଲାଃହି ପାଠ କରେ ସେ ହେଉଛି ମୁସଲମାନ ତେଣୁ ଆମେ କାହା ଉପରେ ଫତୁଆ ଲଗାଇ ନଥାଉ । ପବିତ୍ର କୋରାନ୍ କହୁଛି ଯେ, ଯିଏ ତୁମକୁ ସଲାମ୍ କହୁଛି ତୁମେ ତାହାର କଥାକୁ ଶୁଣ ଓ ତାକୁ ଏକଥା କୁହନାହିଁ ଯେ, ତୁମେ ବିଶ୍ୱାସକାରୀ ନୁହଁ ।

ଶେଷରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆପଣ ଏଠି ସାକ୍ଷାତ କରିବାକୁ ଆସିବା ଯୋଗୁଁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ସାକ୍ଷାତକାରର ଏହି ପ୍ରୋଗ୍ରାମ ୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଅତିଥିଜଣକ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

**ତିନିଜଣ ଖାସ୍ ଲୋକଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ତା'ପରେ ନିମ୍ନଲିଖିତ ତିନିଜଣ ଖାସ୍ ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

(୧) Valerie Thorin Sb ଯିଏ ହେଉଛନ୍ତି ଜଣେ ପ୍ରୋଟେଷ୍ଟାଂଟ ଜର୍ନାଲିଷ୍ଟ ଏବଂ ଆଫ୍ରିକାନ୍ ଇଶୁ ଉପରେ ସ୍ପେଶାଲାଇଜ୍ କରିଛନ୍ତି । ତାଙ୍କର ଗୋଟିଏ ପ୍ରୋଟେଷ୍ଟାଂଟ ରେଡ଼ିଓ ଷ୍ଟେସନ୍ ମଧ୍ୟ ଅଛି ସେଥିରେ ଆମର ଜଣେ ଅହେମଦୀ ବନ୍ଧୁ Said Adiwi Sb ମଧ୍ୟ ଯମାତ୍‌ର ପ୍ରୋଗ୍ରାମ ଉପସ୍ଥାପନ କରୁଛନ୍ତି ।

(୨) Florince Taubmann ସାହିବା, ଯିଏ ଏଭାନ୍‌ଜେଲିକାଲ୍ ଚର୍ଚ୍ଚର ପାଦ୍ରୀ ଅଟନ୍ତି ଏବଂ Christian-Jewish Friendship Committee ର ପ୍ରେସିଡ଼େଂଟ ମଧ୍ୟ ଅଛନ୍ତି ।

(୩) Alfonssina Bellio Sb ଯିଏ ହେଉଛନ୍ତି ଜଣେ ସୋଶିଓଲୋଜିଷ୍ଟ ଏବଂ ଗୋଟିଏ ଅତ୍ୟନ୍ତ ବିଶେଷ Religious Labrotory of Research ସହିତ ଜଡ଼ିତ ଅଛନ୍ତି ।

ଏମାନେ ସମସ୍ତେ ଜଣ ଜଣକରି ହଜୁର ଅନଓ୍ୱର ଅ:ବ:ଅଙ୍କୁ ନିଜର ପରିଚୟ ପ୍ରଦାନ କଲେ ।

Alfonssina Bellio Sb କହିଲେ ଯେ ସେ ଜଲ୍‌ସା ସାଲାନା ଫ୍ରାନ୍ସରେ ସାମିଲ ହୋଇଥିଲେ । ଏହି ଜଲ୍‌ସାରେ ସାମିଲ ହେବା ମୋ ଜୀବନର ଏକ ଐତିହାସିକ ମୁହୂର୍ତ ଥିଲା । ଜଲ୍‌ସାରେ ହଜୁର ଅନଓ୍ୱର ଅ:ବ:ଅ ଫ୍ରାଙ୍କଫୋନ୍ ଅତିଥିମାନଙ୍କୁ ସମ୍ବୋଧନ ମଧ୍ୟ କରିଛନ୍ତି । ଏହା ଆମ ଦେଶପାଇଁ ମଧ୍ୟ ଏକ ଐତିହାସିକ ଦିନ ଥିଲା ।

ସେ ମହାଶୟା କହିଲେ ଯେ, ସେ ପ୍ୟାରିସ୍‌ରେ ରହୁଛନ୍ତି କିନ୍ତୁ ତାଙ୍କର ସମ୍ବନ୍ଧ ଇଟାଲୀ ଦେଶ ସହିତ ଅଛି । ଦରଦାମ୍ ବୃଦ୍ଧି ସମ୍ବନ୍ଧରେ ବାର୍ତାଳାପ ହେଲା ଯେ, ଏହି ଦୁଇଟି ଦେଶ ମଧ୍ୟରୁ ସବୁଠାରୁ ଅଧିକା ମହଙ୍ଗା କେଉଁ ଦେଶରେ ଏଥିରେ ସେ ମହାଶୟା କହିଲେ ଯେ, ରୋମ୍‌ରେ ଯଦିଚ ଦରଦାମ୍ ବୃଦ୍ଧି ଅଛି କିନ୍ତୁ ପ୍ୟାରିସ୍‌ରେ ଅଧିକ ମହଙ୍ଗା ।

Florince Taubmann

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan